Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:255✦ 11 January 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୫୫✦୧୧ ଜାନୁଆରୀ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବଡ଼ ଘୋଷଣା:

ଜାନୁଆରୀ ୧୭ରୁ ଗଡ଼ିବ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍



ନୂଆଦିଲ୍ଲୀ, ୧୦।୧: କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବଡ଼ ଘୋଷଣା । ଜାନୁଆରୀ ୧୭ରୁ କୋଲକାତା ଏବଂ ଗୌହାଟି ମଧ୍ୟରେ ଚାଲିବ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ମାଲଦା ଟାଉନରେ ଏହାର ଉଦ୍ଘାଟନ କରିବେ । କାମାକ୍ଷା ଏବଂ ଜାଉଡ଼ା ଜଙ୍କସନ ମଧ୍ୟରେ ସପ୍ତାହରେ ୬ ଦିନ ଏହି ଟ୍ରେନ୍ ଚାଲିବ । ରେଳମନ୍ତ୍ରୀଙ୍କ କହିବାନୁଯାୟୀ, ୬ଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ମଧ୍ୟ ଆରମ୍ଭ ହେବ । ଗୁରୁବାର ଦିଲ୍ଲୀରେ ଅନୁଷ୍ଠିତ ବିଶିଷ୍ଟ ରେଳ ସେବା ପୁରସ୍କାର ଉତ୍ସବରେ ଯୋଗଦେବ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ୨୦୨୬ରେ ଭାରତୀୟ ରେଳବାଇ ଏକ ବଡ଼ ପରିବର୍ତ୍ତନ ଆଣିବ । ଏଥିରେ ସମସ୍ତ ପ୍ରକାରର ସଂସ୍କାର ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଇଓ)ର ବ୍ୟାପକ ବ୍ୟବହାର ଅନ୍ତର୍ଭୁକ୍ତ । ରେଳମନ୍ତ୍ରୀ କହିଛନ୍ତି, ରେଳବାଇରେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୂତନ ସଂରଚନାମୂଳ ପଦ୍ଧତି ଗ୍ରହଣ କରାଯିବ । ଏହି ଉଦ୍ଦେଶ୍ୟରେ ଏକ ପ୍ରଯୁକ୍ତିବିଦ୍ୟା ନବସୃଜନ ପୋର୍ଟାଲ୍ ଆରମ୍ଭ କରାଯିବ । ପରୀକ୍ଷଣବେକ୍ଷଣ କାର୍ଯ୍ୟଦକାପ ପାଇଁ ଏଆଇକୁ ବ୍ୟାପକ ଭାବରେ ବ୍ୟବହାର କରାଯିବ । ଆର୍ଥ ଏସି ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍ ପାଇଁ ଭଡ଼ା ୨, ୩୦୦ ସ୍ଥିର କରାଯାଇଛି । ସେକେଣ୍ଡ ଏସି ଭଡ଼ା ୩,୦୦୦ ରହିବ । ଫାଷ୍ଟ ଏସି ଭଡ଼ା ପ୍ରାୟ ୩,୬୦୦ ଧାର୍ଯ୍ୟ କରାଯିବାର ପ୍ରସ୍ତାବ ଅଛି । ଏହି ସ୍ଲିପର ଟ୍ରେନ୍ ୧,୦୦୦ କିଲୋମିଟରରୁ ଅଧିକ ଦୂରତା ଯାତ୍ରା ପାଇଁ ଡିଜାଇନ୍ କରାଯାଇଛି । ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରାୟ ୧୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ପ୍ରସ୍ତୁତ ହେବ । ଡିସେମ୍ବର ୩୦ ତାରିଖରେ ଏହି ଟ୍ରେନର ଏକ ପରୀକ୍ଷାମୂଳକ ପ୍ରଦର୍ଶନ କରାଯାଇଥିଲା । କୋଟା-ମାଗଧା ରେଳ ଟ୍ରାକରେ ଟ୍ରେନଟି ଘଣ୍ଟା ପ୍ରତି ୧୮୦ କିଲୋମିଟର ବେଗରେ ଗତି କରିଥିଲା । ଲୋକୋ ପାଇଲଟ୍ ଟ୍ରେନ୍ ଭିତରେ ଚାରି ଗ୍ଲାସ୍ ପାଣି ରଖିଥିଲେ ଏବଂ ଟ୍ରେନ୍ଟି ଦ୍ରୁତ ବେଗରେ ଚାଲିଥିଲେ ମଧ୍ୟ ଗ୍ଲାସରୁ ତଳେ ପାଣି ପଡ଼ିନଥିଲା । ବନ୍ଦେ ଭାରତ ସ୍ଲିପରରେ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉନ୍ନତ ସସପେନସନ୍ ସିଷ୍ଟମ ଏବଂ ବିଶ୍ୱସ୍ତରୀୟ ସ୍ଲିପର କୋଚ୍ ରହିଛି । ରେଳମନ୍ତ୍ରୀ କହିଛନ୍ତି ଯେ, ଗୌହାଟୀ-ହାଓଡ଼ା ରୁଟ୍ରେ ବିମାନ ଭଡ଼ା ସାଧାରଣତଃ ୬ ହଜାରରୁ ୮ ହଜାର ପର୍ଯ୍ୟନ୍ତ ହୋଇଥାଏ । କେତେକ ସମୟରେ ୧୦ ହଜାର ପର୍ଯ୍ୟନ୍ତ ପହଞ୍ଚିଥାଏ । ଏହି ସମୟରେ, ଗୌହାଟୀରୁ ହାଓଡ଼ା ପର୍ଯ୍ୟନ୍ତ ବନ୍ଦେ ଭାରତ ସ୍ଲିପରର ଆର୍ଥ ଏସି ଭଡ଼ା ୨୩୦୦ ରଖାଯାଇଛି ।

ଜାନୁୟାରୀ ୧୨ରେ ଅହମଦାବାଦରେ ଜର୍ମାନୀ ଚାନସେଲର ଫ୍ରେଡରିକ୍ ମର୍ଜଙ୍କୁ ଭେଟିବେ ପିଏମ

ନୂଆଦିଲ୍ଲୀ,୧୦/୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୨ ଜାନୁଆରୀରେ ଅହମଦାବାଦରେ ଜର୍ମାନୀର ଚାନସେଲର ଫ୍ରେଡରିକ୍ ମର୍ଜଙ୍କ ସହିତ ସାକ୍ଷାତ କରିବେ । ଜର୍ମାନ ଚାନସେଲର ଫ୍ରେଡରିକ ମର୍ଜ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆମନ୍ତ୍ରଣରେ ୧୨-୧୩ ଜାନୁଆରୀରେ ଭାରତର ଆଧୁକାରିକ ଗସ୍ତରେ ଆସୁଛନ୍ତି । ଏହା ତାଙ୍କର ଭାରତକୁ ପ୍ରଥମ ଔପଚାରିକ ଗସ୍ତ ହେବ ।

ଦୁଇ ଦିନିଆ ସମ୍ବଲପୁର ଗସ୍ତରେ ମୁଖ୍ୟମନ୍ତ୍ରୀ

ମା' ସମଲେଶ୍ୱରୀଙ୍କୁ କଲେ ଦର୍ଶନ

ସମ୍ବଲପୁର, ୧୦।୧(ନି/ପ୍ର):ଦୁଇ ଦିନିଆ ସମ୍ବଲପୁର ଗସ୍ତରେ ମୁଖ୍ୟମନ୍ତ୍ରୀ । ସମ୍ବଲପୁର ଗସ୍ତ ଅବସରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କଲେ । ବହିଲେ ମା'ଙ୍କ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ରାଜ୍ୟର ପ୍ରଗତି ଓ ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ମା'ଙ୍କ ନିକଟରେ ଗୁହାରି ଜଣା । ବିକଶିତ ଓଡ଼ିଶାର ସଂକଳ୍ପକୁ ସାକାର କରିବା ପାଇଁ ମା' ଆମ ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ, ଏତିକି କାମନା । ସମ୍ବଲପୁରରେ ଇ-ବସ୍ ସେବାର ଶୁଭାରମ୍ଭ କରିବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଲୋକାର୍ପଣ ହେବ ।

ସ୍କୁଲ ରୋଷେଇ ପାଣିରୁ ବ୍ୟାପୁଛି ଜଣ୍ଡିସ୍

କଣାସ,୧୦/୧(ନି/ପ୍ର): ପୁରୀ ଜିଲା କଣାସ ବ୍ଲକରେ ଜଣ୍ଡିସ ଆତଙ୍କ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ସ୍କୁଲ ରୋଷେଇ ପାଣିରୁ ଜଣ୍ଡିସ୍ ବ୍ୟାପିଥିବା ସେ ସୂଚନା ଦେଇଛନ୍ତି । ଆହୁରି ମଧ୍ୟ କହିଛନ୍ତି ବର୍ତମାନ୍ ପରିସ୍ଥିତିର ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ସ୍ଥିତି ନିୟନ୍ତ୍ରଣରେ ରହିଛି । ସ୍କୁଲ ରୋଷେଇ ଘର ପାଇପ୍ ଫାଟି ପାଣି ଦୂଷିତ ହୋଇଥିଲା । ସେହି ପାଣିରୁ ଜଣ୍ଡିସ୍ ବ୍ୟାପିଥିଲା । ପାଣି ରିପୋର୍ଟ ଆସିବା ପରେ ଜଣାପଡ଼ିଛି । ସ୍ୱଚ୍ଛ ପାନୀୟ ଜଳ ଯୋଗାଇବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ଥିତି ନିୟନ୍ତ୍ରଣରେ ଅଛି, ସବୁ ମ୍ୟୁନିସପାଲଟିକୁ ସଜାଗ ରହିବାକୁ କୁହାଯାଇଛି । ସୂଚନା ଅନୁଯାୟୀ ପୁରୀ ଜିଲା କଣାସ ବ୍ଲକରେ କିଛି ଦିନ ହେଲା ଜଣ୍ଡିସ ରୋଗରେ ଆକ୍ରାନ୍ତ ହୋଇ ୯ ଜଣ ବ୍ୟକ୍ତି ଭୁବନେଶ୍ୱର ଓ କଟକର କେତେକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଗାଁର ବିଦ୍ୟାଧର ବେହେରା ଆକ୍ରାନ୍ତ ହୋଇ ୧୫ ଦିନ ପୂର୍ବେ ଭୁବନେଶ୍ୱର ସମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ଏବେ ସେହି ଗାଁର ସମିତ ବେହେରା, ବାବୁଲା ବେହେରା ପ୍ରମୁଖ ଓ କେତେକ ଛୋଟ ପିଲା ଜଣ୍ଡିସରେ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

ବିଶ୍ୱରେ ଟ୍ରମ୍ପଙ୍କ ହଇଚଇ

ମାଡୁରୋଙ୍କ ପରେ ଏବେ ପୁଟିନ୍‌ଙ୍କ ପାଳି !

ନୂଆଦିଲ୍ଲୀ,୧୦/୧: ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଶେଷ ହେବାର କୌଣସି ସଙ୍କେତ ଦେଖାଯାଉନାହିଁ । ଆମେରିକା ଏହି ସଂଘର୍ଷକୁ ଶେଷ କରିବାକୁ ନିରନ୍ତର ଚେଷ୍ଟା କରୁଛି । ଏହି ସମୟରେ, ଫକ୍ସ ନ୍ୟୁଜର ବରିଷ୍ଠ ହ୍ୱାଇଟ୍ ହାଉସ୍ ସମ୍ବାଦଦାତା ପିଟର ହୁସି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପଚାରିଥିଲେ ଯେ, ସେ କେବେ ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେବେ କି, ଯେପରି ଆମେରିକା ପୂର୍ବତନ ଭେନେଜୁଏଲାର ନେତା ନିକୋଲାସ ମାଡୁରୋଙ୍କୁ ଗିରଫ କରିବା ପାଇଁ ଡେଲ୍ଟା ଫୋର୍ସ ମିଶନ କରିଥିଲା । ସେ ଏହି ପ୍ରଶ୍ନ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କିଙ୍କ ବୟାନକୁ ନେଇ କରିଥିଲେ । ମାଡୁରୋଙ୍କୁ ଆମେରିକା ଗିରଫ କରିବା ପରେ ଜେଲେନସ୍କି କହିଥିଲେ ଯେ, ଯଦି ଏକଛତ୍ରବାଦୀଙ୍କ ସହିତ ଏହି ଉପାୟରେ ମୁକାବିଲା କରାଯାଇପାରିବ ତେବେ ଆମେରିକା ଜାଣିଛି ଯେ ପରବର୍ତ୍ତୀ ପଦକ୍ଷେପ କ'ଣ ହେବା ଉଚିତ ।

ନୀତିଶଙ୍କୁ ଦିଅ ଭାରତ ରତ୍ନ: ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ କେସି ତ୍ୟାଗୀ

ବିହାର,୧୦/୧: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ପାଇଁ ଭାରତ ରତ୍ନ ଦାବି ପୁଣି ଥରେ ଉଠିବା ଆରମ୍ଭ କରିଛି । ବରିଷ୍ଠ ଜେଡିୟୁ ନେତା କେସି ତ୍ୟାଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏନେଇ ଚିଠି ଲେଖିଛନ୍ତି । ଚିଠିରେ କେସି ତ୍ୟାଗୀ ଉଲ୍ଲେଖ କରିଛନ୍ତି, ସମାଜବାଦୀ ଆନ୍ଦୋଳନର ମହାନ ନେତା ନୀତିଶ କୁମାର ଭାରତ ରତ୍ନ ପାଇବାକୁ ଯୋଗ୍ୟ । ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବା ଉଚିତ୍। କେସି ତ୍ୟାଗୀ ତାଙ୍କ ଚିଠିରେ କର୍ପୂରୀ ଠାକୁର ଏବଂ ଚୌଧୁରୀ ଚରଣ ସିଂହଙ୍କ ନାମର ଉଦାହରଣ ଦେଇଛନ୍ତି । ସେ ଚିଠିରେ ଲେଖିଛନ୍ତି, ୩୦ ମାର୍ଚ୍ଚ ୨୦୨୪ ଆମ ପୂର୍ବପୁରୁଷମାନଙ୍କୁ ସମ୍ମାନ ଜଣାଇବାର ଦିନ । ଆପଣଙ୍କ ପ୍ରୟାସ

ଯୋଗୁ ସେମାନଙ୍କୁ ଭାରତ ରତ୍ନର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ଚୌଧୁରୀ ଚରଣ ସିଂହ ଏବଂ ସ୍ୱର୍ଗତ କର୍ପୂରୀ ଠାକୁର ସାର୍ବଜନୀନ ସେବାରେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ, ସେମାନେ କୃଷକ ଏବଂ ଅବହେଳିତ ଗୋଷ୍ଠୀଙ୍କୁସଂଗଠିତ କରୁଥିଲେ ।ଏପରିସ୍ଥଳେ ନୀତିଶ କୁମାରଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରାଯିବା ଉଚିତ୍ ।ଏପରି ପଦକ୍ଷେପ ଗ୍ରହଣ କରାଗଲେ ଇତିହାସ ଆପଣଙ୍କ ପ୍ରୟାସକୁ ପ୍ରଶଂସା କରିବ । ସୂଚନାଯୋଗ୍ୟ, ନୀତିଶ କୁମାରଙ୍କ ପାଇଁ ଭାରତ ରତ୍ନ ଦାବି ନୂଆ ନୁହେଁ । ପୂର୍ବରୁ ବିଜେପି ନେତା ଏବଂ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂହ ମଧ୍ୟ ଏଭଳି ଦାବି କରିଥିଲେ । ଡିସେମ୍ବର ୨୦୨୪ ରେ, ଗିରିରାଜ ସିଂହ ସାର୍ବଜନୀନ ଭାବରେ କହିଥିଲେ ଯେ, ନୀତିଶ କୁମାର ବିହାରର ବିକାଶ ପାଇଁ ଅଦ୍ଭୁତପୂର୍ବ କାର୍ଯ୍ୟ କରିଛନ୍ତି । ନୀତିଶ କୁମାରଙ୍କ ସହିତ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ କରିବାକୁ ଗିରିରାଜ ଦାବି କରିଥିଲେ ।

ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ

ଗଣିଆ,୧୦।୧:ଗଣିଆ ଥାନା ଜରଡ଼ାପଡ଼ା ପଚାଂୟତ କଳାଶିନିଜି ଗାଁରେ ଜଣେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ହୋଇଛି ।ଶ ମୃତ ମହିଳା ଜଣକ ୫୨ ବର୍ଷୀୟ ସୁଜାତି ବାରିକି ବୋଲି ଜଣାପଡ଼ିଛି । ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁକୁ ନେଇ ତାଙ୍କ ସ୍ୱାମୀ ରବୀନ୍ଦ୍ର ବାରିକି ହତ୍ୟା ଅଭିଯୋଗ ଆଣିଛନ୍ତି । ରବୀନ୍ଦ୍ରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ଗତ ଶୁକ୍ରବାର ସନ୍ଧ୍ୟାରେ ପୁଅ ୩୧ ବର୍ଷୀୟ ବୁଲା ବାରିକି ଗାଁ ବାଷ୍ଟରେ ମା' ସୁଜାତିକୁ ନିଶାସକ୍ତ ଅବସ୍ଥାରେ ମାରପିଟ୍ କରିଥିଲା ।

ଇରାନ୍‌ରେ ଉଗ୍ର ହେଉଛି ଆନ୍ଦୋଳନ

ନୂଆଦିଲ୍ଲୀ,୧୦/୧: ଇରାନରେ ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ବିରୋଧରେ ଜାରି ବିକ୍ଷୋଭ ସାରା ଦେଶରେ ଉଗ୍ର ହେବାରେ ଲାଗିଛି । ବିପରେରେ ଖାମେନେଇଙ୍କ ଗାଦି । ଦେଶରେ ୧୦୦ ସହରରେ ବ୍ୟାପିଛି ବିଦ୍ରୋହର ନିଆଁ । ସୁରକ୍ଷାବଳର କାର୍ଯ୍ୟାନୁଷ୍ଠାନରେ ଅବ୍ୟାବଧ୍ୟ ପ୍ରାୟ ୬୨ ଜଣଙ୍କ ମୃତ୍ୟୁ ଘଟିଲାଣି । ୨,୩୦୦ ଜଣଙ୍କୁ ଗିରଫ କରାଯାଇଛି ୧୪ ଦିନ ଧରି ପ୍ରତିବାଦ ଜାରି ରହିଛି । ଏବେ, ଖବର ଆସୁଛି କି ଖାମେନେଇ ସରକାର ପ୍ରଦର୍ଶନକାରୀଙ୍କ ଉପରେ ଗୁଳି ଚଳାଇଛନ୍ତି । ଏଥିରେ ପ୍ରାୟ ୨୦୦ ଜଣଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି । ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇ ଏହି ପ୍ରତିବାଦ ପାଇଁ ଆମେରିକାକୁ ଦାୟୀ କରିଛନ୍ତି । ବିକ୍ଷୋଭକୁ ବୃଦ୍ଧିରେ ରଖି ଇଂଟରନେଟ୍ ସେବା ବନ୍ଦ କଲେ ସରକାର । ଦେଶର ଶତାଧିକ ସହରରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି । ଇରାନର

ସବୁଠୁ ବଡ଼ ଧାର୍ମିକ ସହର ମଶହଦକୁ ବିକ୍ଷୋଭକାରୀ ଜବ୍ ?ଜା କରିନେଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି । ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରି ଟ୍ରମ୍ପ ଲେଖିଛନ୍ତି, ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବିକ୍ଷୋଭ କରିଛନ୍ତି । ଇରାନର ଦ୍ୱିତୀୟ ସବୁଠୁ ବଡ଼ ସହର ବିକ୍ଷୋଭକାରୀଙ୍କ ଜବତାକୁ ଆସିଛି ।

ଆତିଶୀଙ୍କ କଥିତ ବୟାନକୁ ନେଇ ଭାଜପାର ବିକ୍ଷୋଭ ପ୍ରଦର୍ଶନ

ନୂଆଦିଲ୍ଲୀ,୧୦/୧: ନବମ ଶିଖ ଗୁରୁ ଶ୍ରୀ ଗୁରୁ ତେଗ ବାହାଦୁର ସିଂହ ସାହିବଙ୍କୁ ଅପମାନିତ କରିବା ଅଭିଯୋଗରେ ଆମ ଆଦମୀ ପାର୍ଟି (ଆପ୍) ନେତା ଏବଂ ଦିଲ୍ଲୀ ବିଧାନସଭାରେ ବିରୋଧୀ ଦଳ ନେତା ଆତିଶୀଙ୍କ ବିରୋଧରେ ଭାରତୀୟ ଜନତା ପାର୍ଟି(ଭାଜପା) ଶୁକ୍ରବାର ଆପ୍ କାର୍ଯ୍ୟାଳୟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା । ଲେ ମେରିଡିଆନ୍ ହୋଟେଲ ନିକଟରେ ପ୍ରତିବାଦ ଆରମ୍ଭ ହୋଇଥିଲା, ଯେଉଁଠାରେ ଦିଲ୍ଲୀ ବିଜେପି ସାଂସଦ କମଲଜିତ ସେହରାଓ୍ୱତ, ଯୋଗେନ୍ଦ୍ର ଚାନ୍ଦୋଲିଆ, ବିଷ୍ଣୁ ମିତଲ ଏବଂ ଜାତୀୟ ମୁଖପାତ୍ର ସର୍ଦ୍ଦାର ଆର.ପି. ସିଂହଙ୍କ ନେତୃତ୍ୱରେ ହଜାର ହଜାର ବିଜେପି କର୍ମୀ ଏକତ୍ରିତ ହୋଇଥିଲେ । ବିଜେପି କର୍ମୀମାନେ ସ୍ଲୋଗାନ ଦେଇ ଆତିଶୀଙ୍କ ଠାରୁ ସାଧାରଣରେ କ୍ଷମା ମାଗିବାକୁ ଦାବି କରିଥିଲେ ।

ଟିଏମସିର ଆଇଟି ସେଲ୍ ମୁଖ୍ୟଙ୍କ ଘରେ ଇଡି ଚଢାଉ ପରେ ତେଜିଛି ରାଜନୀତି:

ଗର୍ଜିଲେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

କୋଲକାତା,୧୦/୧:ଟିଏମସିର ଆଇଟି ସେଲ୍ ମୁଖ୍ୟଙ୍କ ଘର ଉପରେ ଇଡି ଚଢାଉ ପରେ ତେଜିଛି ମମତା ବାନାର୍ଜୀ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଜଳି । ତୃଣମୂଳକ ଜଂଗ୍ରେସ ପକ୍ଷରୁ ଏନେଇ କୋଲକାତାରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତିବାଦ ଦେଖିବାକୁ ମିଳିଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଡି ବିରୋଧରେ ବୁଲଡି ଏଫଆଇଆର୍ ଦାୟର କରିଛନ୍ତି ଏବଂ କୋଲକାତାରେ ବଡ଼ ଶୋଭାଯାତ୍ରାର ନେତୃତ୍ୱ ମଧ୍ୟ ନେଇଛନ୍ତି । ଏହି ଅବସରରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଉପରେ ପ୍ରବଳ ବର୍ଷିଛନ୍ତି । କୋଇଲା ଦୁର୍ନୀତି ଟଙ୍କା ଦିଲ୍ଲୀର ବରିଷ୍ଠ ବିଜେପି ନେତାଙ୍କ ପାଖରେ ପହଞ୍ଚୁଛି । ମୋ ପାଖରେ ଏହାର ପ୍ରମାଣ ଅଛି । ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ପେନ୍ ଡ୍ରାଇଭ୍ ଅଛି । ଆବଶ୍ୟକ ହେଲେ ମୁଁ ଏହାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିପାରିବି ବୋଲି ସେ ଖୋଲାଖୋଲି ଧମକ ମଧ୍ୟ ଦେଇଛନ୍ତି । ନିର୍ବାଚନ କମିଶନରେ ଥିବା ଜଣେ ଅଧିକାରୀ ପୂର୍ବରୁ ଅମିତ ଶାହଙ୍କ ସମନ୍ୱୟ ବିଭାଗର ସଚିବ ଭାବରେ କାର୍ଯ୍ୟ କରିଥିଲେ । ମୋର ଏଥିରେ କୌଣସି ବ୍ୟକ୍ତିଗତ ଆପତ୍ତି ନାହିଁ, କିନ୍ତୁ ବିଜେପି ହରିୟାଣା ଏବଂ ବିହାରରେ ବଳପୂର୍ବକ କ୍ଷମତା ହାସଲ କରିଥିଲା, ଏବଂ ବର୍ତ୍ତମାନ ବଙ୍ଗଳାରେ ସମାନ ପ୍ରୟାସ କରାଯାଉଛି । ଏହାକୁ କୌଣସି ବି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ମମତା କହିଛନ୍ତି । ବୟସ୍କ ଏବଂ ଗର୍ଭବତୀ ମହିଳା ସମେତ ଏସ୍‌ଆଇଆର୍ ନାମରେ ଲୋକଙ୍କୁ ହଇରାଣ କରାଯାଉଛି । ବଙ୍ଗଳା ଭାଷାଭାଷୀ ଲୋକଙ୍କୁ ବାଂଲାଦେଶୀ କୁହାଯାଉଛି । ବିଜେପି ରୋହିଙ୍ଗ୍ୟାମାନଙ୍କ ବିଷୟରେ କଥାବାର୍ତ୍ତା କରୁଛି । କିନ୍ତୁ ଯଦି ଆସାମରେ ରୋହିଙ୍ଗ୍ୟା ଅଛନ୍ତି, ତେବେ ସେଠାରେ ଏସ୍‌ଆଇଆର୍ ଜାଙ୍ଗିକ କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି । ଇଡି ଚଢାଉ ସମୟରେ ବଳକ ତଥ୍ୟ ଏବଂ ଉଣାଳୀ ଚୋରି କରିବାକୁ ଚେଷ୍ଟା କରିଥିଲା । ମୁଁ ଏହାର ବିରୋଧ କରି କିଛି ଲୁଲ୍ ଜମିନାହିଁ ବୋଲି କହିଛନ୍ତି ମମତା ।

ସୋମନାଥ ସ୍ୱାଭିମାନ ପର୍ବ' ପାଳନ ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ

'ସୋମନାଥ ସ୍ୱାଭିମାନ ପର୍ବ'କୁ ଭବ୍ୟ ଭାବରେ ପାଳନ କରିବା :ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୦/୧: ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣର ୧୦୦୦ ବର୍ଷ ପୂର୍ତ୍ତି ଅବସରରେ ସୋମନାଥ ସ୍ୱାଭିମାନ ପର୍ବ ପାଳନ ହେଉଛି । ଏହି ପରିପ୍ରେକ୍ଷୀରେ ବଜାଜ ନେତୃତ୍ୱ, ମଣ୍ଡଳ ସଭାପତି, ପଦାଧିକାରୀ ଏବଂ କାର୍ଯ୍ୟକର୍ତ୍ତାମାନଙ୍କ ସହ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି, ୧୦୨୬ ମସିହାରେ ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣର ୧୦୦୦

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଅର୍ଥନୀତି ଓ ପରିସଂଖ୍ୟାନ ବିଭାଗ ଅତିରିକ୍ତ ନିର୍ଦ୍ଦେଶକଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୦/୧(ନି/ପ୍ର): ଓଡିଶା ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସତ୍ୟସାତୀ ବଡ, ବିଷୟ ବିଶେଷଜ୍ଞ ଡ. କୈଳାସ ଚନ୍ଦ୍ର ପାଣି ଏବଂ ପରିସଂଖ୍ୟାନ ଅଧିକାରୀ ରାମଚନ୍ଦ୍ର ମିଶ୍ର ଘସିପୁରା ବ୍ଲକ ର ଅଳତି ଗ୍ରା.ପ. ଅନ୍ତର୍ଭୁକ୍ତ ପବନପୁର ଗ୍ରାମ ଓ ଆନନ୍ଦପୁର ବ୍ଲକ ବେଲବାହାଳି ଗ୍ରା.ପ. ର ସିଆପଦା ଗ୍ରାମ କୁ ୭ମ କ୍ଷୁଦ୍ର ଜଳସେଚନ ଗଣନା ଓ ୨ୟ ଜଳାଶୟ ଗଣନା ର କ୍ଷେତ୍ର ତଦାରଖ କରିଛନ୍ତି । ଏହି ସର୍ଭେ କାର୍ଯ୍ୟ ପବନପୁରରେ ଗଣନାକାରୀ ତଥା ଲୋକାଲୟୁଥ ଶ୍ରଦ୍ଧାଞ୍ଜଳୀ ନାୟକ ଓ ସିଆପଦା ଗ୍ରାମରେ ନାଜିମାମମ୍ରୀ ରାଉତ ଙ୍କ ଦ୍ୱାରା କରାଯାଇଥିଲା । ତଦାରଖ ସମୟରେ କେନ୍ଦୁଝର ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ଓ ପରିସଂଖ୍ୟାନ ଅଧିକାରୀ ଅନୁପମା ପାତ୍ର ଉପସ୍ଥିତ ଥିଲେ । ଶ୍ରୀ ଦନ ଓ ଡ.ପାଣି ରାଷ୍ଟ୍ର ଗଠନରେ ଜଳସେଚନ ଗଣନାର ଗୁରୁତ୍ୱ, ଯୋଜନା ତିଆରିରେ ଏହାର ଭୂମିକା ଓ ତଥ୍ୟ ସଂଗ୍ରହର ଆବଶ୍ୟକତା ବିଷୟରେ ଗ୍ରାମବାସୀ, ଲୋକାଲୟୁଥ ଓ ପରିସଂଖ୍ୟାନ କ୍ଷେତ୍ର କର୍ମଚାରୀଙ୍କୁ ତଥ୍ୟ ସଂଗ୍ରହ କରିବାର ପ୍ରଣାଳୀ ଓ ପଦ୍ଧତି ଘଂଷାନୁଘଂଷ ଭାବେ ବର୍ଣ୍ଣନା କରିଥିଲେ । ପରେ ଘଟଗାଁ ଅବସ୍ଥିତ ବଜାରରେ ମୂଲ୍ୟ ନିର୍ଧାରଣ ଯୋଜନା ସମ୍ବନ୍ଧୀୟ ତଥ୍ୟ ତର୍କମା କରିଥିଲେ । ସନ୍ଧ୍ୟାରେ ଶ୍ରୀ ଦତ ଓ ଡ.ପାଣି ଜିଲ୍ଲାପାଳ ବିଶାଲ ସିଂହ ସହ ଆଲୋଚନା କରି ଗଣନା କାର୍ଯ୍ୟର ସୁଚାରୁରୂପେ ସଂମ୍ପାଦନ ସହ ସମସ୍ତ ଗଣନା କାର୍ଯ୍ୟର ଅଗ୍ରଗତି ବିଷୟରେ ଅବଗତ କରାଇବା ସହ ଜାନୁଆରୀ ୨୦୨୬ ସୁଦ୍ଧା ଗଣନା କାର୍ଯ୍ୟ ସାରିବା ବାବଦରେ ଜଣାଇଥିଲେ ଏବଂ ସମସ୍ତ ଲାଇନ ଡିପାର୍ଟମେଂଟର ପୂର୍ଣ୍ଣ ସହଯୋଗ ସହ କ୍ଷେତ୍ର ପରିଦର୍ଶନ କରିବାକୁ ଅବଗତ କରାଇଥିଲେ । ଜିଲ୍ଲା ପରିଷଦ ସଭାକକ୍ଷ ରେ ଶ୍ରୀ ସତ୍ୟସାତୀ ବଡ ଙ୍କ ଅଧକ୍ଷତାରେ ଜିଲ୍ଲା ସ୍ତରୀୟ ସବଜମିତିର ସଦସ୍ୟ ଏବଂ ସଂପୃକ୍ତ ଲାଇନ ଡିପାର୍ଟମେଂଟ ଅଧିକାରୀଙ୍କ ସହ ଆଲୋଚନା କରି ଡିପରି ସୁଚାରୁରୂପେ ଏହି ଗଣନା କାର୍ଯ୍ୟ ସରିବ, ସେ ବାବଦରେ ଅବଗତ କରାଇଥିଲେ । ପରେପରେ ୧୩ ଟି ବ୍ଲକ ଓ ୫ ଟି ମୁନିସିପାଲିଟି ଏବଂ ଏନଏସି ଅନ୍ତର୍ଗତ ସମସ୍ତ ଗଣନାକାରୀ ତଥା ପରିସଂଖ୍ୟାନ କ୍ଷେତ୍ର କର୍ମଚାରୀ ଓ ଲୋକାଲୟୁଥ୍ ଙ୍କ ସହ ଏକ କର୍ମଶାଳା ତଥା ରିହ୍ୟାର୍ସିଲ କରାଯାଇ ଉପରୋକ୍ତ ସମୟ ସାରଣୀ ରେ ଗଣନା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଗଣନା କାର୍ଯ୍ୟ ର ଗୁଣବତାକୁ ସର୍ବାଗ୍ରେ ଦୃଷ୍ଟି ଦେବାକୁ କହିଥିଲେ । ଏହି ରିହ୍ୟାର୍ସିଲ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା ପାଇଁ ପରିସଂଖ୍ୟାନ ଅଧିକାରୀ ଅନୁପମା ପାତ୍ର, ଅନୁସନ୍ଧାନକାରୀ ବିନ୍ଦିଆ ମୁଣ୍ଡା, ବରିଷ୍ଠ ସହାୟକ ବୋଲମନି ହଂସ୍ ଓ କନିଷ୍ଠ ସହାୟକ ବିଷ୍ଣୁପ୍ରିୟା ଓଝା ସହଯୋଗ କରିଥିଲେ ।

କେନ୍ଦୁଝରରେ ସୁଭଦ୍ରା ଶକ୍ତି ମେଳା ଏବଂ ସ୍ୱଦେଶୀ ମେଳା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୧୦/୧(ନି/ପ୍ର): ଚଳିତ ଜାନୁଆରୀ ୧୫ ରୁ ୨୧ ପର୍ଯ୍ୟନ୍ତ କେନ୍ଦୁଝରର କାଳିପଡିଆରେ ଆୟୋଜିତ ହେବାକୁ ଥିବା ସୁଭଦ୍ରା ଶକ୍ତି ମେଳା ଏବଂ ସ୍ୱଦେଶୀ ମେଳାର ସଫଳ ଆୟୋଜନ ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ବିଷୟରେ ଆଲୋଚନା କରିବା ପାଇଁ ଗତ ମଙ୍ଗଳବାର ଦିନ କେନ୍ଦୁଝର ଜିଲ୍ଲା ପରିଷଦ ସଭାକକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗକୃଷ୍ଣ ସଭାପତିତ୍ୱ କରି ମେଳାକୁ ସମନ୍ୱିତ ଯୋଜନା ଏବଂ ସୁଗମ ଆୟୋଜନ ଉପରେ ଆଲୋଚନା କରିଥିଲେ । ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କାରିଗରମାନଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଇ କେନ୍ଦୁଝର ଜିଲ୍ଲାର କଳା, ସଂସ୍କୃତି, ପାରମ୍ପରିକ ହସ୍ତଶିଳ୍ପ ଏବଂ ଆଦିବାସୀ ଉତ୍ପାଦ ପ୍ରଦର୍ଶନ ଏବଂ ପ୍ରଚାର ପାଇଁ ୨୦୦ଟି ଷ୍ଟଲ ସ୍ଥାପନ କରାଯିବା ଏହି ମେଳାର ଲକ୍ଷ୍ୟ ସ୍ୱଦେଶୀ ଉତ୍ପାଦକୁ ଉତ୍ସାହିତ କରିବା ଏବଂ ସ୍ଥାନୀୟ ଜୀବିକାକୁ ସୁଦୃଢ଼ କରିବା । ପୂର୍ବଶର୍ତ୍ତା ଷ୍ଟଲ ବଣ୍ଟାଚାଟ, ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ଏବଂ ସ୍ଥାନୀୟ ଖାଦ୍ୟକୁ ପ୍ରଚାରିତ କରୁଥିବା ଏକ ଖାଦ୍ୟ ମହୋତ୍ସବ, ମହିଳା ସଶକ୍ତିକରଣ, ସ୍ୱାବଲମ୍ବନ ଏବଂ ସ୍ୱଦେଶୀ ଉତ୍ପାଦର ପ୍ରୋତ୍ସାହନ ଉପରେ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହେବା ସ୍ଥାନୀୟ ସ୍ୱଦେଶୀ ନିର୍ମିତ ଉତ୍ପାଦ ବ୍ୟବହାରର ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ସ୍ୱତନ୍ତ୍ର 'ସ୍ୱଦେଶୀ ଦୌଡ଼' ମଧ୍ୟ ଯୋଜନା କରାଯାଇଛି । ଉପଯୁକ୍ତ ଲଜିଷ୍ଟିକ୍ସ, ପ୍ରଚାର, ସୁରକ୍ଷା, ପରିମଳ ଏବଂ ମେଳାର ସାମଗ୍ରିକ ସଫଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗକୁ ଉପଯୁକ୍ତ ସମନ୍ୱୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ସାଂସ୍କୃତିକ ପ୍ରୋତ୍ସାହନ ଏବଂ ଆର୍ଥିକ ସଶକ୍ତିକରଣ ପାଇଁ ଏହି କାର୍ଯ୍ୟକ୍ରମକୁ ଏକ ଗ୍ଲାଟଫର୍ମ କରି ମେଳାର ସାମଗ୍ରିକ ସଫଳତାର ସଂକଳ୍ପ ସହ ଏହି ବୈଠକ ଶେଷ ହୋଇଥିଲା ।

କେନ୍ଦୁଝରରେ ଆଞ୍ଚଳିକ କଳିଙ୍ଗ ହର୍ବାଲମେଳା-୨୦୨୬

କେନ୍ଦୁଝର,୧୦/୧(ନି/ପ୍ର): ଭାରତର ପୁରାତନ ଚିକିତ୍ସା ପଦ୍ଧତି ଆଜି ସମଗ୍ର ବିଶ୍ୱରେ ବେଶ୍ ଜନପ୍ରିୟତା ଲାଭ କରିଛି । ଆମ ପ୍ରାକୃତିକ କଢ଼ିବୁଟି ଚିକିତ୍ସା, ସ୍ୱଦେଶୀ ଚିକିତ୍ସା, ଆୟୁର୍ବେଦ ପ୍ରଣାଳୀର ପ୍ରାସଙ୍ଗିକତାକୁ ବିଶ୍ୱ ଅନୁଭବ କରିସାରିଲାଣି ଶ୍ର ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ ଉଦ୍ୟମ ଏବଂ ବିଶ୍ୱ ସମୁଦାୟଙ୍କ ନିକଟରେ ନିବେଦନ ଯୋଗୁଁ ଭାରତର ଆୟୁର୍ବେଦ ଆଜି ବିଶ୍ୱକଲ୍ୟାଣ ଦିଗରେ ଆଲୋକର ରଶ୍ମି ପାଲଟିଛି ଶ୍ର ଏ ପରିପ୍ରେକ୍ଷୀ ରେ କେନ୍ଦୁଝର ବନଖଣ୍ଡ ଓ ରାଜ୍ୟ ଔଷଧାଳୟ ବୃକ୍ଷ ସଂସ୍ଥା ପକ୍ଷରୁ କେନ୍ଦୁଝର ଷ୍ଟାଡିୟମରେ ପାଚଁ ଦିନିଆ କଳିଙ୍ଗ ହର୍ବାଲ ମେଳା ଜିଲ୍ଲାରେ ତୃତୀୟ ଥର ପାଇଁ ଆୟୋଜିତ ହୋଇଛି ,ଏଥିରେ ରାଜ୍ୟର ୨୦ ଟି ଜିଲାରୁ ଷାଠିଏ ଜଣ ବୈଦ୍ୟ ଓ ଆୟୁର୍ବେଦିକ ଡାକ୍ତର ଅଂଶ ଗ୍ରହଣ କରିଛନ୍ତି ୭୫ ଟି ଷ୍ଟଲ ଖୋଲାଯାଇ ଆୟୁର୍ବେଦିକ ଔଷଧ ଜଡିବୁଟି ବିକ୍ରୀ ସହିତ ଆସୁଥିବା ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସମସ୍ତ ସହାୟତା ପ୍ରତିଦିନ ସକାଳ ୧୦ ରୁ ସନ୍ଧ୍ୟା ୯ ପର୍ଯ୍ୟନ୍ତ ମାଗଣାରେ ଯୋଗାଇ ଦିଆଯାଇଛି ବୋଲି ବନଖଣ୍ଡ ଅଧିକାରୀ ଧନରାଜ ଏତଡି ପ୍ରକାଶ କରିଛନ୍ତି, ଉକ୍ତାଚନ ସମାରୋହ ରେ ବିଧାୟକ ଫକିର ମୋହନ ନାୟକ , ଅଞ୍ଚଳ ଚନ୍ଦ୍ର ନାୟକ , ନଗରପାଳ ନିଳୁ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ ।

ସବ୍ୟସାଚୀ ଦୀନେଶ ମେମୋରିଆଲ ଗିନି କପ ସେମି ଫାଇନାଲରେ ଆଲଫା, ବ୍ରହ୍ମପୁର

ଖୋର୍ଦ୍ଧା,୧୦/୧: ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟ ରେ ଚାଲିଥିବା ସବ୍ୟସାଚୀ-ଦୀନେଶ ମେମୋରିଆଲ୍ ଗିନିକପ୍ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜିର ମ୍ୟାଚ ରେ ଆଲଫା ବ୍ରହ୍ମପୁର ଖୋର୍ଦ୍ଧାକୁ ଓ୍ୱିକେଟ ରେ ରେ ପରାସ୍ତ କରି ସେମି ଫାଇନାଲ ରେ ପ୍ରବେଶ କରିଛି । ଖୋର୍ଦ୍ଧା ଟସ୍ ଜିଣି ପ୍ରଥମେ ବ୍ୟାଟି କରି ନିର୍ଧାରିତ ୨୦ ଓଭର ରେ ସମସ୍ତ ୮ ଓ୍ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷ ରୁ ଆର୍ଯ୍ୟ ଦେବାଶିଷ ଭଲ ୪୮ ଟି ବଲ ରେ ୨ଟି ଛକା ଏବଂ ୬ ଟି ଚୌକା ସହାୟତା ରେ ସର୍ବାଧିକ ୫୯ ରନ ଓ ରାକେଶ ପଟ୍ଟନାୟକ ୩୧ଟି ବଲ୍ ରେ ୫୦ ରନ୍ ସଂଗ୍ରହ କରିଥିଲେ । ଆଲଫା ବ୍ଲକ ପକ୍ଷ ରୁ ବୁଲୁନା ସାହୁ ୩ଟି ଏବଂ ବି ଶିବା ୨ ଟି ଓ୍ୱିକେଟ ଅକ୍ଷିଆର କରିଥିଲେ । ପ୍ରତ୍ୟୁତ୍ତର ଆଲଫା ବ୍ରହ୍ମପୁର, ଦଳ ୧୯ ଓଭର ରେ ୪ଟି ଓ୍ୱିକେଟ ହରାଇ ଆବଶ୍ୟକ ରନ କରି ଏହି ମ୍ୟାଚ କୁ ଓ୍ୱିକେଟ ରେ ଜିତି ଦ୍ୱିତୀୟ ସେମି ଫାଇନାଲ କୁ ପ୍ରବେଶ କରିଛନ୍ତି। ଦଳ ପକ୍ଷ ରୁ ଖୁଲଗର ଟସ୍ପୋ ସର୍ବାଧିକ ୭୪ରନ୍, ଏବଂ ପ୍ରବୀଣ କୁମାର ଅପରାଜିତ ୩୯ ରନ୍ କରିଥିଲେ । ଅମ୍ପିତା ବିଦ୍ୟାଳୟମ୍ ତରଫରୁ ମ୍ୟାଚ ର ଶ୍ରେଷ୍ଠ ଖେଳାଳି ଭାବେ ବ୍ରହ୍ମପୁର ଦଳ ର ଖୁଲଟାର ଟସ୍ପୋ ଙ୍କୁ ୨ ହଜାର ଟଙ୍କାର ପୁରସ୍କାର ପ୍ରାଣନାଥ ମହାବିଦ୍ୟାଳୟ ର ପ୍ରାକ୍ତନ କ୍ରୀଡା ଅଧ୍ୟାପକ ଚିତରଞ୍ଜନ ବେହେରା ଓ ରାଜୁ ମୋଦି ପ୍ରଦାନ କରିଥିଲେ । ଭାଷ୍ୟକାର ର ଅବ୍ୟକ୍ତ ହରିହର ଖାଡ଼ୁଙ୍ଗା ମଂଚ ପରିଚାଳନା କରିଥିଲେ । ଆଜିର ମ୍ୟାଚ୍ ଆମ୍ପାୟାର ଭାବେ ରାଜେଶ ମିଶ୍ର ଏବଂ ଏସ ଜେନ୍ଦ୍ରକୁମାର ପରିଚାଳନା କରିଥିବା ବେଳେ ଜନ୍ମେଜୟ ଛୋଟରାୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ । ପ୍ରଥମ ସେମି ଫାଇନାଲର ମୁଖ୍ୟ ଅତିଥି ଭାବେ ଅମ୍ପିତା ବିଦ୍ୟାଳୟର ଅଧକ୍ଷା ମୌସୁମି ପଟ୍ଟନାୟକ ଉଦଘାଟନ କରିଥିଲେ । ଆସୋସିଏସନର ସମ୍ପାଦକ ଭବାନୀ ଶଙ୍କର ପଣ୍ଡା, ଜୋଷ୍ଟାଧ୍ୟକ୍ଷ ତନୁୟ ବୋଷ, ସୌର୍ଯ୍ୟ ରଂଜନ ମହାନ୍ତି, ସୁରେଶ କୁଣ୍ଡର ପଟ୍ଟନାୟକ, ସୁବ୍ରତ ଦାସ, ବିଜୟ କୁମାର ରୋଛି, ସୁଧାଂଶୁ ଦାସ୍, ଏବଂ ଦେବୀଶଙ୍କର ପଣ୍ଡା, ବିଜ୍ଞାନ ସୁନ୍ଦରାୟ, ସୌମ୍ୟେନ୍ଦ୍ର ଦାସ, ଶଶିକାନ୍ତ ଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଂଟରେ ଆୟୋଜନ ରେ ସହାୟତା କରିଥିଲେ । ୦୯/୦୧/୨୬ ଶୁକ୍ରବାର ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରବିନାରାୟଣ ରାଉତରାୟ ଜଣାଇଥିବା ବେଳେ ଆସନ୍ତା ୧୦/୦୧/୨୬ ଶନିବାର ଦ୍ୱିତୀୟ ସେମି ଫାଇନାଲ ସୋଲାର ଜଳକ ବନାମ ଆଲଫା ବ୍ରହ୍ମପୁର ମଧ୍ୟରେ ହେବ ବୋଲି ସଚ୍ଚ ରବି ଷାଣ୍ଡି ଜଣାଇଛନ୍ତି ।

ଭାରସାମ୍ୟ ହରାଇ କ୍ଲବ ଘରେ ପଶିଗଲା ଧାନ ବୋଝେଇ ଟ୍ରାକ୍ଟର

କେନ୍ଦୁଝର,୧୦/୧(ନି/ପ୍ର): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଖଣ୍ଡରେ ଭାରସାମ୍ୟ ହରାଇ କ୍ଲବ ଘରେ ପଶିଗଲା ଧାନ ବୋଝେଇ ଟ୍ରାକ୍ଟର । ସୂଚନା ଅନୁଯାୟୀ ଚମ୍ପୁଆ କ୍ଲବ୍ ବାରିଆ ଥାନା ଅନ୍ତର୍ଗତ ବାଙ୍କିଆ ଗାଁରେ ଏହି ଘଟିଛି ଏହି ଦୁର୍ଘଟଣା । ଧାନ ବୋଝେଇ ଟ୍ରାକ୍ଟରଟି ନିଜଟପ୍ପୁ ରାଇସ୍ ମିଲ୍‌କୁ ଯାଉଥିବା ସମୟରେ ଡ୍ରାଇଭର ନିୟନ୍ତ୍ରଣ ହରାଇ ବସିଥିଲା । ଯାହାଫଳରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଦୁର୍ଘଟଣା ଫଳରେ କ୍ଲବ୍ ଘର ଆଗଭାଗ ଭାଙ୍ଗିଯାଇ ପଡ଼ିଥିବା ଦେଖିବାକୁ ମିଳିଛି । ସୌଭାଗ୍ୟ ବଶତଃ ଦୁର୍ଘଟଣା ସମୟରେ ଉକ୍ତ କ୍ଲବ୍ ଘରେ କେହି ନଥିଲେ, ଯାହା ଫଳରେ ଜୀବନହାନି ପ୍ରକାର ବଡ଼ ଅଘଟଣ ଘଟିବାରୁ ବର୍ତ୍ତି ଯାଇଛି । ଦୁର୍ଘଟଣା ଘଟାଇବା ପରେ ଘଟଣା ସ୍ଥଳରୁ ଗ୍ରାହକ ଛାଡ଼ି ଡ୍ରାଇଭର ଫେରାର୍ ହୋଇଯାଇଛି। ତେବେ ଏହି ସମ୍ପୃକ୍ତ ଡ୍ରାଇଭରଙ୍କ ଦ୍ୱାରା ଗତିରେ ଓ ବେପରୁଆ ଢ଼ଙ୍ଗରେ ଗାଡ଼ି ଚାଳନା ଦୁର୍ଘଟଣାର କାରଣ ବୋଲି ଅଞ୍ଚଳର ଚର୍ଚ୍ଚା ଚାଲିଛି ।

ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସଡକ ସୁରକ୍ଷା ମାସ ଅଭିଯାନ

ଧର୍ମଶାଳା,୧୦/୧(ନି/ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ୟୁଥ୍ ରେଡ୍ କ୍ରସ୍ ଆନୁକୂଲ୍ୟରେ ସଡକ ସୁରକ୍ଷା ମାସ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସଡକ ସୁରକ୍ଷା ସ୍ଲୋଗାର୍ଥ ଧରି ବ୍ରହ୍ମବରଦା ଅଂଚଳକୁ ଶୋଭାଯାତ୍ରାରେ ଯାଇ ଜନସାଧାରଣ ଓ ବାଇକ୍ ଚାଳକମାନଙ୍କୁ ସଚେତନ କରାଇ ଥିଲେ । ମହାବିଦ୍ୟାଳୟ ସଭାଗୃହ ପରିସରରେ ଅଧକ୍ଷ ମହେଶ୍ୱର ପାଢୀଙ୍କ ସଭାପତିତ୍ୱରେ ଅତିଥିଭାବେ ଚଣ୍ଡିଖୋଲ ଆଂଚଳିକ ପରିବହନ ଅତିରିକ୍ତ ଅଧିକାରୀ ଖରେଶ୍ୱର ମୁର୍ମୁ, ଚଣ୍ଡିଖୋଲ ଟ୍ରାଫିକ୍ ଇନିସପେକ୍ଟର ସୁଜଲ କିଶୋର ତିରିଆ, ଓଡିଶା ସରକାରଙ୍କ ଇଡିଆ ଟ୍ରେନିଂ ସେଂଟର ମୁଖ୍ୟ ପ୍ରବୀପ କୁମାର ପଟାଣ, ରୋଡ ସେଫ୍ଟି ଫିଜିକାଲିଷ୍ଟ ସନ୍ତୋଷ କୁମାର ମିଶ୍ର, ବ୍ରହ୍ମବରଦା ସମ୍ପନ୍ନ କରାଇଥିଲେ । ପ୍ରତିଯୋଗିତା ରେ କୃତକାର୍ଯ୍ୟ ହୋଇଥିବା ବିଜେତା ମାନଙ୍କ ନାମ ଘୋଷଣା କରାଯାଇଛି । ସୂଚନାଯୋଗ୍ୟ ଯେ, ଏହି ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଆଗାମୀ ବାର୍ଷିକ ଉତ୍ସବ ଅବସରରେ ମଂଚରେ ପୁରସ୍କୃତ କରାଯିବ । ଏହି କ୍ରୀଡ଼ା ଉତ୍ସବକୁ ନେଇ ଅଭିଭାବକ ଓ ଅଂଚଳବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା ।

ଧାମନଗର ସେଂଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ସମ୍ପନ୍ନ

ଭଦ୍ରକ,୧୦/୧(ନି/ପ୍ର):ଏହି ଜିଲାର ଧାମନଗର ସ୍ଥିତ ସେଂଟ ଜାଭିୟର୍ସ ହାଇସ୍କୁଲ ପରିସରରେ ଗତ ୬ ତାରିଖ ଦିନ ବିଦ୍ୟାଳୟ ର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅତ୍ୟନ୍ତ ଉତ୍ସାହ ଓ ଉତ୍ସାପନା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡ଼ା ମହୋତ୍ସବରେ ବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ନିଜର ଶାରୀରିକ ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାକୁ ବିଦ୍ୟାଳୟର ପ୍ରତିଷ୍ଠାତା ଜନ୍ମେଜୟ ପଣ୍ଡା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସେ ନିଜ ଅଭିଭାଷଣରେ କହିଥିଲେ ଯେ, ପାଠପଢ଼ା ସହିତ ଖେଳକୁଦ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଏକାନ୍ତ ଆବଶ୍ୟକ । ବିଦ୍ୟାଳୟର ଅଧକ୍ଷା ଆଶାବାରି ମିଶ୍ର ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଭାବେ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ । ଏହି କ୍ରୀଡ଼ା ଉତ୍ସବକୁ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଇୟନ୍ତୀ ଖଣ୍ଡେଇ, ଗୋପାଳ ବେହେରା, ଧୀରେନ୍ଦ୍ର ତ୍ରିପାଠୀ, ସେବତୀ ବାରିକ, ପରେସ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ସହଯୋଗ କରିବା ସହ ସମସ୍ତ କାର୍ଯ୍ୟକ୍ରମକୁ ସଫଳତାର ସହ

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ରର ମୃତ୍ୟୁ : କର୍ତ୍ତୃପକ୍ଷଙ୍କ ଅବହେଳାରୁ ମୃତ୍ୟୁ ଅଭିଯୋଗ

ଚମ୍ପୁଆ,୧୦/୧(ନି/ପ୍ର): ସ୍କୁଲରେ କବାଡି ଖେଳୁଥିବା ବେଳେ ଆହତ ହୋଇଥିବା ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି । କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ଶିଧିବାସ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରରେ ଘଟିଛି ଏହି ଅଭାବନୀୟ ଘଟଣା । ଏହି ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଅମିତ୍ ମୁଣ୍ଡା ଗତ ମଙ୍ଗଳବାର ଦିନ କବାଡି ଖେଳୁଥିବା ବେଳେ ତାକୁ ଆଘାତ ଲାଗିଥିଲା । ତେବେ ଘଟଣାକୁ ସାମାନ୍ୟ ଭାବରେ ନେଇ ସ୍କୁଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନ ଥିଲେ । ବୁଧବାର ସକାଳୁ ଅମିତ ର ଅବସ୍ଥା ଗୁରୁତର ହେବାରୁ ନିକଟସ୍ଥ ଭଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆ ଯାଇଥିଲା । ତେବେ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ଡାକ୍ତର ତାଙ୍କୁ ଏଠାରୁ କେନ୍ଦୁଝର ଡ଼ାକ୍ତରଖାନା ସ୍ଥାନାନ୍ତର କରିଥିଲେ । କିନ୍ତୁ ଏ ସମ୍ପର୍କରେ ଆହତ ଛାତ୍ର ଅମିତ ର ମା କୁ ଖବର କରା ନ ଯାଇ, ପରେ ବହୁ ବିଳମ୍ବରେ ଖବର କରା ଯାଇଥିଲା । ମୃତକ ବାରିଆ ଥାନା କେନ୍ଦୁଆ ଗ୍ରାମର ସ୍ୱର୍ଗତ ଶୁକ୍ରବେଦ ମୁଣ୍ଡାଙ୍କ ପୁଅ ଅମିତ ମୁଣ୍ଡା । ଷ୍କୁଲରେ ରହି ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ । ଅମିତ ଖେଳରେ ଆହତ ହେଉଥିଲ

ବିବିଧା

ସୁନା ସହରର ଅନ୍ଧାରୀ ରୂପ



ସାରା ବିଶ୍ୱରେ ଏପରି କିଛି ସ୍ଥାନ ଅଛି ଯାହା ମଣିଷଙ୍କୁ ବେଶ୍ ଆକର୍ଷିତ କରିଥାଏ। ଦକ୍ଷିଣ ଆମେରିକାର ଗେରୁରେ ଥିବା ଲା ରିନକୋନାଡା ବିଶ୍ୱର ସବୁଠୁ ଉଚ୍ଚ ଓ ବିପଦପୂର୍ଣ୍ଣ ସ୍ଥାନ ଭାବେ କୁଖ୍ୟାତ। ଏହି ସହର ସୁନାଖଣି ପାଇଁ ପ୍ରସିଦ୍ଧି ଲାଭ କରିଛି। ଲୋକେ ଏଠାରେ ଜୀବନ ନର୍କଠାରୁ କମ୍ ନୁହେଁ। ଅସମତଳ, ପ୍ରତୁକ୍ଷର, ବାଲିଦୁଃ, ରୋଦରେ ଭରା ଏହି ସହରକୁ ଲୋକେ ବିଶ୍ୱର ଅତ୍ୟନ୍ତ ବିପଜ୍ଜନକ ସହର ବୋଲି କୁହନ୍ତି। କିଛିଦିନ ପୂର୍ବରେ ଇଟାଲୀର ଗ୍ରାଫେଜେନ 'ଜାଙ୍କା ଡି ଇଟାଲିୟାନ' ଏଠାକୁ ଯାତ୍ରା କରି ନିଜର ଅନୁଭୂତିକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ସେ ଏହାକୁ ମୃତ୍ୟୁର ନିଜସ୍ୱ ଦର୍ଶନୀୟ ସ୍ଥାନ ବୋଲି କହିଛନ୍ତି। ଏଠାରେ ସେ ଅଜସ୍ରଧାରେ ସ୍ଥିତି ଦେଖିଥିବାର ଅଭିଜ୍ଞତା କହିଛନ୍ତି। ସେ ଆହୁରି ମଧ୍ୟ ଲେଖିଛନ୍ତି, ଏହି ଯାତ୍ରା ତାଙ୍କ ଜୀବନର ସବୁଠୁ କଠିନ ଗରେଡିଂ ଥିଲା। ସେ ଦିନଟି ସହର ଚାରିପାଖରୁ ବସ୍ ଯୋଗେ ତିନିଘଣ୍ଟା ଯାତ୍ରା କରି ଲା ରିନକୋନାଡାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବାପରେ ସେ ହାହାକରଙ୍ଗା ଶୀତ, ବରଫ ଦର୍ଶା ଓ ଦୁର୍ଗନ୍ଧମୟ ପରିବେଶର ସମ୍ମୁଖୀନ ହେଉଥିଲେ। ଏହି ସହରର ଦୃଶ୍ୟ ବଡ଼ ଜଳି ଥିଲା। ରାସ୍ତାକଡ଼ରେ ପିଲାମାନେ ଖାଦ୍ୟ ଖୋଜୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ପିଲା ସ୍କୁଲ ଯାଉ ନ ଥିଲେ। କାରଣ ସେମାନଙ୍କୁ ପିଲାଦିନରୁ ବେହ ବ୍ୟବସାୟରେ ସାମିଲ କରାଯାଇଥିଲା। ଏହି ସ୍ଥାନଟି ଅତିଶୟ ଖରାବାଲିରେ ଥିବାରୁ ଏଠାରେ ଲୋକଙ୍କୁ ନିଃଶ୍ୱାସ ନେବାରେ ଅସୁବିଧା ହୋଇଥାଏ। ଏଠାକାର ଲୋକେ ଲ୍ଲେକିକ୍ ମାଲଥେକ୍ ମିଲ୍‌ଦେଣ୍ଟଲେ ମାଡ଼ିବା। ଲା ରିନକୋନାଡାରେ ପୁରି ଗାଡିଖାଣ୍ଡରେ ଜଳେ ଘଣ୍ଟି ଏହି ଘୋଷଣାରେ ପାଡ଼ିବା। ଜାଙ୍କା ଏକ ସ୍ଥାନୀୟ ହସ୍‌ପିଟାଲକୁ ଯାଇଥିଲେ। ସେଠାରେ ଜଣେ ଡାକ୍ତର ଡାକୁ କରିଥିଲେ, ଏଠାରେ ଲୋକେ ଅତ୍ୟଧିକେ ନିଶାସକ୍ତ ହୁଅନ୍ତି, ଅତି ମାତ୍ରାରେ କଥାରୁ ଗୁଳି ଚଳାଇ ଦିଅନ୍ତି। ସବୁଠୁ ବଡ଼ କଥା ହେଉଛି, ଜାଙ୍କା 'ଏହି ସହର ମଧ୍ୟରୁ ପ୍ରତ୍ୟେକ ଦରିଦ୍ରର ଚକ୍ଷୁ ମଧ୍ୟରେ ଗୁଳି ଶବ୍ଦ ଶୁଣିଛେ। ଅବଶ୍ୟ ସେ ପୂର୍ବରୁ ଏହିପରିଷ୍ଠାନରେ ଜାଣି ଦୃଢ଼ରେଟ୍‌ପୁଟ ଜ୍ୟାକେଟ୍ ପିନ୍ଧି ସେଠାକୁ ଯାଇଥିଲେ। କିଛି ସ୍ଥାନୀୟ ଲୋକ ଜାଙ୍କାକୁ କହିଥିଲେ, ଏଠାକାର ଲୋକେ ବାହାର ଲୋକଙ୍କ ସହ କଥାବାର୍ତ୍ତା କରନ୍ତି ନାହିଁ। ଅନେକ ଲୋକ ପରିବାର ପାଇଁ ଅଭିଶ୍ରାପ ଅଭିଶପ୍ତ ମଧ୍ୟରେ ସୁନା ଖଣିଶ୍ରମିକ ଦେଖାଯାଏ। ଏଠାରେ ବାଲିଆଙ୍କ୍ ଜୁଡ଼ ଜୁଡ଼ ଅଭିଶ୍ରାପ ଆର୍ତ୍ତନାଦ। ' ସେହିଭଳି ସ୍ଥାନୀୟ ପୁଲିସ୍ ଜାଙ୍କାକୁ କହିଛେଇ ଯେ, 'ଏଠାରେ ସୁନା ଖଣିରେ କାମ କରୁଥିବା ଲୋକେ ଡକାଇତି, ଚୋରି, ହତ୍ୟା ଭଳି ଅପରାଧ କରିଥାନ୍ତି। ଏଠାରେ ପ୍ରତିଦିନ ଲୋକଙ୍କ ମଧ୍ୟ ଏଠାକାର ସ୍ଥିତି ପାଇଁ ବାସ୍ତା। ଲୋକଙ୍କଠାରେ ଅନୁସାରେ, ସୁନା ଖଣିରୁ ମିଳୁଥିବା ସୁନାକୁ ମଜିବାର ପାଇଁ ଖର୍ଚ୍ଚ କରିବା ଅପେକ୍ଷା ମଦ, ଗିଜାରେଟ୍ ଆଦିରେ ଖର୍ଚ୍ଚ କରିବା ଭଲ।'

'ଭୁଲଭୁଲୈୟା ୪'ରେ ଅନନ୍ୟା

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ନିଜସ୍ୱର ପ୍ରଥମ ୫୭ ଦିନ କରୁଥିବାରୁ ବେଶ୍ ଖୁସି ଅଛନ୍ତି। ସେ ତାଙ୍କ ଜନ୍ମଦିନରେ ଗେହ୍ନରେ ଚତୁର୍ଦ୍ଦିନ ପାଳନ କରିଛନ୍ତି। ସେ ଏହି ସେଟ୍‌ରୁ ଏକ ଭିଡିଓ ସେୟାର୍ କରି ଅନନ୍ୟାଙ୍କ ଚତୁର୍ଦ୍ଦିନ ରାତିରେ ଅର୍ଜିତ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି। ଜାଭିଜ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଟିକ୍ସ ସେଟ୍‌ରୁ ଏକ ଭିଡିଓ ସେୟାର୍ କରି ଅନନ୍ୟାଙ୍କ ଶୁଭେଚ୍ଛା ଜଣାଇଥିଲେ। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି। ଭିଡିଓରେ ଅନନ୍ୟା ମଜାଳିଆ। ଅଭିନେତ୍ର କହୁଛନ୍ତି- 'ଜାଭିଜ, ମିଛୁରୁ ତାଙ୍କ ଜନ୍ମ ଜାଣିବା ପାଇଁ ବେଶ୍ କହୁଛନ୍ତି।' ଏହାପରେ ଜାଭିଜ୍ କହି କହି କହୁଛନ୍ତି- 'ତୁମ ଗୀତ, ସେଟିରେ ମୁଁ ଜ'ଣ ନାହିଁ। 'ଏହାପରେ ଅନନ୍ୟା କହୁଛନ୍ତି – 'ଆମ ଗାଡ଼ା।' ଏହାପରେ ଅନନ୍ୟା 'ଭୁଲଭୁଲୈୟା ୪'ରେ ମଞ୍ଜୁଳିକା ହେବେ ବୋଲି କହୁଛନ୍ତି। ଯାହାକୁ ଖୁଶି ଜାଭିଜ୍ କହୁଛନ୍ତି। ଏଠାରେ ପ୍ରଭାଷ ଆଣ୍ଡ, ଭି, 'ଭୁଲଭୁଲୈୟା' ସିରିଜ୍‌ର ଏଥରକ୍ ଫିଲମ୍‌ରେ ଫିଲ୍ମ ଆସିଛି। 'ଭୁଲଭୁଲୈୟା ୪'କୁ ନେଇ ବିଭିନ୍ନ ଭାବେ ଚର୍ଚ୍ଚାଚାରି ଚାଲିଛି ଓ ଅପେକ୍ଷା ମଧ୍ୟ ରହିଛି।

ଆଜିର ଇତିହାସ

- ୪୮ ଖ୍ରୀ.ପୂ- ଆଲେକ୍‌ଜାଣ୍ଡର୍ ଆମେରିକାର ରାଷ୍ଟ୍ରପତି ହେଲେ।
- ୧୯୫୪ ଖ୍ରୀ- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ନେତାଜୀ ସୁଭାଷଙ୍କୁ ଚନ୍ଦ୍ର ହୋଇଥିବା ଆଣ୍ଡାମାନ ନିକୋବାରେ ଦ୍ୱୀପ ସମୂହ ସମର୍ପିତ ହେଲା।
- ୧୯୮୬ ଖ୍ରୀ- ରାଷ୍ଟ୍ରସଂଘ ରକ୍ଷା ପରିଷଦର ସ୍ଥାପନା।
- ୧୯୮୮ ଖ୍ରୀ- ଭିଏ ପିଲ୍ସ ଅଭିନେତା ଏଣ୍ଡାଣ୍ଡ ଫ୍ରେଡ୍‌ଡ଼ା।
- ୧୯୯୦ ଖ୍ରୀ- ନରସିମ୍ହ ରାଓ ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୬- ଆମେରିକାର ରାଷ୍ଟ୍ରପତି ହେଲେ ବାରାକ୍ ଓବାମା।

ସବୁଠୁ ବଡ଼ ମାଟିଆ ରହିପାରିବ ୨୦୦୦ ଲିଟର ପାଣି

ଆଗରୁ ମାଟି ଜିନିଷର ବାହିନୀ ଅଧିକ ଥିଲା। ଲୋକେ ମାଟି ଡିଆରି ମାଟିଆ ବା ପାତ୍ରକୁ ବ୍ୟବହାର କରୁଥିଲେ। ଆଜି ବି ଗାଁ ଗହଳିର ଲୋକ ପାଣି ଉଣ୍ଡାଇବାକୁ ମାଟିଆ ବ୍ୟବହାର କରୁଛନ୍ତି। ଏହି ଭୂମିରେ ଲାଲକିଲ୍ଲା ଦେଖିବା ଜାଙ୍କିଲ ଦ୍ୱାରା ଲାଲକିଲ୍ଲା ହେଉଛି ବିଶ୍ୱର ସବୁଠୁ ବଡ଼ ମାଟିଆ। ଏହି ବିଜ୍ଞାନକାୟ ମାଟିଆଟିକୁ କୁମ୍ଭାର ରାଜବଂଶ ସମୟରେ ନିର୍ମାଣ କରାଯାଇଥିଲା ବୋଲି କୁହାଯାଏ। ସେତେବେଳେ ଏଇଟି ବଡ଼ ବଡ଼ ମାଟିଆରେ ପାଣି ରଖାଯାଉଥିଲା। ଏଥିରେ ୨ ହଜାର ଲିଟର ପାଣି ରହିପାରିବ। ୪୦ ବର୍ଷ ପୂର୍ବରୁ ଶେଖପୁରା ଅଞ୍ଚଳରେ ଖନନ ସମୟରେ ଏହି ମାଟିଆଟି ମିଳିଥିଲା। ୫ ୪ ଫୁଟ ଲମ୍ବ ଓ ୪.୫ ଫୁଟ ଚଉଡ଼ାର ଏହି ମାଟିଆକୁ ଯୁଦ୍ଧ ସମୟରେ ସୈନିକମାନଙ୍କୁ ପାଣି ପିଆଇବା ପାଇଁ ବ୍ୟବହାର କରାଯାଉଥିଲା। ମାଟିରେ ତିଆରି ହୋଇଥିବାରୁ ଏହା ସୁରକ୍ଷିତ ଅବସ୍ଥାରେ ରହିଛି।

ଏସି ବଢ଼ାଏ ରକ୍ତ ଶର୍କରା!

ଗରମରୁ ଆଶ୍ରୟ ପାଇବା ପାଇଁ ଆଜିକାଲି ଲୋକେ ଘରେ ବସି ଅଧିକାଂଶ ସମୟ ଅତିବାହିତ କରୁଛନ୍ତି। ଏସିରେ ଘରା ଘରା ଧରି ବସିବାରୁ ଲୋକଙ୍କୁ ଆରାମ ଲାଗୁଛି। ହେଲେ ଏବେ ପ୍ରଶ୍ନ ଉଠୁଛି, ଏସିର ଅତିଶୀତଳ ବାତାବରଣ ରକ୍ତ ଶର୍କରା ଉପରେ କି ପ୍ରଭାବ ପକାଏ? ଏମାନେ ଅତେକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ଦୀର୍ଘ ସମୟ ଧରି ଏସିର ବ୍ୟବହାର ମଧୁମେହ ରୋଗୀଙ୍କ ଲାଗି ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଠଣ୍ଡା ପବନରେ ବସିଲେ ଶରୀରକୁ ଆରାମ ଲାଗିଥାଏ ଏବଂ ଶକ୍ତି ସଞ୍ଚୟ ହୁଏ। ତେବେ ବାସ୍ତବରେ ଏହାଙ୍କି ବେଳେ ମୋଟ ଶରୀରର ମେଟାବଲିଜମକୁ ଧୀମା କରେ। ଯେତେବେଳେ ମେଟାବଲିଜମ୍ ଧୀମା ହୁଏ, ଶରୀରର ଗ୍ଲୁକୋଜକୁ ଏହା ଠିକ୍ ଭାବେ ବ୍ୟବହାର କରିପାରେ ନାହିଁ। ଏହାର ସିଧା ପ୍ରଭାବ ରକ୍ତ ଶର୍କରା ଉପରେ ପଡ଼ିଥାଏ। ଧୀରେ ଧୀରେ ରକ୍ତ ଶର୍କରା ସ୍ତର ବଢ଼ିଯାଏ। ଦୀର୍ଘ ସମୟ ଏସିରେ ବସିବା ଦ୍ୱାରା ଶରୀରଜିକ ରଚିବିଧି ମଧ୍ୟ କମ୍ ହୋଇଯାଏ। ଫଳସ୍ୱରୂପ ହାର ବେଳେବେଳେ ଶରୀରର କ୍ୟାଲୋରି ଖୁବ ପାଇଥାଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ। ହେଲେ ଏସିରେ ବସିବା ଦ୍ୱାରା ଶରୀରର ଏହି ପ୍ରାକୃତିକ ପ୍ରକ୍ରିୟାକୁ ବାଧାଦିବାର ଥାଏ, ଯାହା ଶରୀରରେ ଚିନୀ ହୋଇ ରୁହେ। ତେବେ ଜଣେ ମଧୁମେହ ରୋଗୀ ଦିନିଟିନା ୮-୧୦ ଘଣ୍ଟା ଏସିରେ ବସୁଥିଲେ, ଶରୀରରେ ଶର୍କରା ମିଶ୍ରଣର ପ୍ରାକୃତିକ ପ୍ରକ୍ରିୟା ଧୀମା ହୋଇଥାଏ। ଫେଲ୍ରୁ ମଧୁମେହ ରୋଗୀ ଦୀର୍ଘ ସମୟ ଏସିରେ ରହିବା ବିପଜ୍ଜନକ ହୋଇପାରେ। ଏହାର ଅର୍ଥ ନୁହେଁ, ଏସିର ବ୍ୟବହାର ସେମାନେ ଆଦୌ କରିବେ ନାହିଁ। ପୁଣି ଦୁଇ ତିନି ଘଣ୍ଟାରେ ଏସି ଚାଲୁନ୍ତୁ ବାହାରି କିଛି ସମୟ ପାଇଁ ଚଲାଦୁଇ। ଚାଲେ ଶରୀର ସକ୍ରିୟ ରହିପାରେ। ଅଧିକନ୍ତୁ ଶରୀର ଜଳୀୟ ରହିବା ଦ୍ୱାରା ମେଟାବଲିଜମ୍ ସକ୍ରିୟ ରହେ। ତେବେ ଏସିକୁ ଆଦ ଜାଳିବାରୁ ଠିକ୍ ଅଛା ନ କରି ୨୪-୨୫ ଡିଗ୍ରୀ ସେଲ୍‌ସିୟସ ରଖିବା ଦରକାର।

ଭିନ୍ନ ଜଣେ ଯୁବକ ପିନ୍ଧନ୍ତି ପଣ ଅଜାଙ୍କ ପୋଷାକ

ବିଦେଶରେ ରହୁଥିବା ଜ୍ୟାକ୍ ପିଟରସେଣ୍ଟ ନାମକ ଯୁବକ ଦାଦାର ଅଜାର ପୋଷାକ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେ ଭିଏତ୍ନେ ଫ୍ୟାଶନକୁ ଆପଣାଇ ଶରୀର ଦୃଢ଼ଶରୀର ଦର୍ଶାଉଥିବାର ପୋଷାକ ପିନ୍ଧନ୍ତି। ସେ ଭିଏତ୍ନାମିଅ। ଅଜାଙ୍କର ଷ୍ଟେଷ୍ଟକୋଟ, ହୋଟ୍ ଓ ଚୁଡ଼ି ପିନ୍ଧନ୍ତି। ଜିନ୍ସ, ଟିଶାର୍ଟ ଆଦି ପୋଷାକ ପିନ୍ଧିବାକୁ ସେ ପସନ୍ଦ କରନ୍ତିନି। ତାଙ୍କ କର୍ଣ୍ଣବାଳୁଆଶରେ, ଆଙ୍ଗୁଳିକ ମୋଜାର ମିଆ ଲୋକେ ଦେଖକ ମାନ୍ଧାଦିଆଳକକ ଭୁଲନ୍ତି, ଆମ୍ଭାଙ୍କୁ ପ୍ରଚାର କରିବାକୁ ସୁଯୋଗ ମିଳେନାହିଁ। ଜ୍ୟାକଙ୍କର ଏକ ସର୍ଟ ପିନ୍ଧୁ ଦେଶ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ଜ୍ୟାକ୍ ତାଙ୍କର କାହାଣୀ କହୁଥିବାର ମଜାରେ ଆସିଛନ୍ତି। ଜ୍ୟାକ୍ ଇନ୍‌ଷ୍ଟାଗ୍ରାମରେ ପିଟ୍‌ରସେଣ୍ଟ ଟେଲଙ୍ଗି ନାମରେ ପରିଚିତ। ସେ ନିଜର ପଣଅଜାଙ୍କ ଆଲମାରୀରୁ ମିଳିଥିବା ମୋଷାକଗୁଡ଼ିକୁ ପରାଇ ରଖିଛନ୍ତି। ଚଳୁଥିବାରୁ କିଛିକୁ ସାଇତି ରଖିଥିବାରେ ଅଜା ବିଛି ପିନ୍ଧେଇ କରିଛନ୍ତି। ସେ ଆଧୁନିକ ପୋଷାକକୁ ଦେଖିବା ଓ ପରିଚେଦ ପାଇଁ ଶରିଦାରକ ବୋଲି ଭାବନ୍ତି। ଏହା ଦର୍ଶକରେ ସିଝ ଗାଇ, ଲଇ ଜୋଟ, ଚମଡ଼ା ବେଲ୍ଟ ପସନ୍ଦ କରନ୍ତି। ସେ ଗରୁ ବାହାରକୁ ଗଲେ, ଲୋକେ ତାଙ୍କୁ ଘୁରି ଘୁରି ଦେଖନ୍ତି। ଏସବୁ ଜାଣି ବି ସେ ମୁଣ୍ଡରେ ମୋଷାକ ଛାଡ଼ିଲେ ଜାଣି ବୋଲି ଜ୍ୟାକ୍ କହିଛନ୍ତି।

୪ କୋଟି ଥାଇ ବି ଦୁଃଖରେ କଟୁଛି ଜୀବନ

ଆଜିକାଲି ଦୁନିୟାରେ ଅର୍ଥ ପଛରେ ଦୌଡ଼ୁଛନ୍ତି। ରୋଜେ ରାତ୍ରୁଛନ୍ତି। ଟଙ୍କା ପଇସାରେ ହିଁ ଜୀବନର ସମସ୍ତ ଖୁସି ଯୋଡ଼ି ହୋଇ ରହିଛି। ହେଲେ ଜାପାନର ଜଣେ ବ୍ୟକ୍ତିଙ୍କ ପାଖରେ ୪ କୋଟି ଟଙ୍କା। ଆଜ ମଧ୍ୟ ସେ ଆଉଦୌ ଖୁସି ନ ଥିବା କହିଛନ୍ତି। ପୁରୁଣି କାମକ ଏହି ଦାଣ୍ଡୁ କଳକ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟେକ ଛୋଟମୋଟ ଜିନିଷରେ ସଞ୍ଚୟ କଲେ। ଏମିତି ସଞ୍ଚୟରୁ ତାଙ୍କ ପାଖରେ ୪କୋଟି ଟଙ୍କା ହୋଇଗଲା। ଏବେ ୬୭ ବର୍ଷ ବୟସରେ ତାଙ୍କ ପାଖରେ ସଞ୍ଚିତ ହୋଇ ରହିଛି ଦିଶିନ ଭଳି ଅର୍ଥ ଅର୍ଥ ଅଛି। ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସୁନ୍ଦରି ପିଲାଦିନରୁ ହିଁ ଦୃଷ୍ଟିରେ ଯେ, ଅର୍ଥ ସଞ୍ଚୟ କରିବା ଦରକାର। ସେତେ କରୁଛି। ସ୍କୁଲ ସମୟରୁ ସେ ପାର୍ଟ ଟାଇମ୍ କରୁଥିଲେ। ପ୍ରତ୍ୟେକ ଖର୍ଚ୍ଚ ସେ ଗଣିବିଚାରି କରନ୍ତି। ତାଙ୍କ ଜୀବନର ମନ ଥିଲା କମ୍ ଅର୍ଥ, ଅଧିକ ସଞ୍ଚୟ ଜଗତରେ ଧ୍ୟାନ ଦେବା। ଦାମୀ ମୋବାଇଲ, ବାହାର ଖାଦ୍ୟ ନ ଖାଇବା, ଲେଖିଟି ହୁଲାକୁଲି କରିବା ଛାଡ଼ି ନ ଯାଇ ସେ ଦେଇଦେ ଅର୍ଥ ସଞ୍ଚୟ କରୁଥିଲେ। ଏପରିକି ତାଙ୍କ ବାଟ ଖର୍ଚ୍ଚ ଖାଉଥିବେ ବିଚାରି ଅର୍ଥ ବୁଝି ଚାହେ, ସେ ଭାବେ ସୁନ୍ଦରି ଗୁରୁତ୍ୱ ଦେଉଥିଲେ। ଏହିପରି ଜାଳିଜି କରିବା ପରେ ହିଁ ସୁନ୍ଦରି ଜେବେ ତାଙ୍କ ଖର୍ଚ୍ଚ କରି ପାରନ୍ତି। ଅପିସ୍‌ରୁ ଦୂରରେ ଶପ୍ପାରେ ଜଡ଼ିବେ ଘର ଗେଲେ। ଗାଡ଼ି ନ କିଣି ବସ୍ ଏବଂ ସାଇକଲରେ ଯାତ୍ରା କଲେ। ଜେବେ ଘରେଟିକି ଦୂରେ, ଦିନୁଟି ଦିନ୍ ଜମ୍ କରିବା ପାଇଁ ଘରେ ଏସି ଦି ଲଗାଇଲେ ନାହିଁ। ଅନ୍ୟପକ୍ଷେ ବିବାହ ପରେ ସୁନ୍ଦରିଙ୍କ ସ୍ତ୍ରୀ ମାଧ୍ୟ ଏହାକୁ ମାନି ଚଳିଲେ। ଦୁଇ ଜଣ ମିଶି ଏକ ସାଧାରଣ ଜୀବନ ଜଣିଲେ। ହେଲେ ସେମାନେ ନିଜ ଜୀବନକୁ ଚରୁହେଲେ ସଞ୍ଚୟରେ ହିଁ ମାମିଜ ରଖିଲେ। ଅବଶ୍ୟ ସେମାନଙ୍କର ବର୍ଷର ପରିଶ୍ରମ ଓ ଜମ୍ ଖର୍ଚ୍ଚ ଜି ଜୀବନରେ ମୂଲ୍ୟ ରଙ୍ଗ ଆଣିଛି। ଅବସର ସମୟ କେବଳ ବୁଲୁଛି ପ୍ରାୟ ୪ କୋଟି ଟଙ୍କା ସଞ୍ଚୟ କରି ସାରିଥିଲେ। ବୁଲୁଛି ଭାବିଲେ କାର୍ଯ୍ୟକଳାପରେ ଶାନ୍ତିର ଜୀବନ ଜିଇଁଲେ। ହେଲେ ଦାମ୍ପତ୍ୟ ଅଧ୍ୟବ୍ୟ ଯେପରାକ ଦିନ୍ ମାଧ୍ୟ ପ୍ରାୟ ଦୁଇଦିନ୍ ଧ୍ୟା ଜୀବନ ରୋଗରେ ପୀଡ଼ିତ ହୋଇ ୬୬ ବର୍ଷ ବୟସରେ ପ୍ରାଣ ହେବାର ହେବାରୁ ସ୍ତ୍ରୀର ମୃତ୍ୟୁ ପରେ ସୁନ୍ଦରି ଦୁଃଖିରେ ଟଙ୍କା ଜୀବନରେ ସତ୍ ଦିଛି ହୁଏହିଁ। ଏବେ ତାଙ୍କ ପାଖରେ ଟଙ୍କା ଥିରେ ଦି ପାରା ସହ ତାଙ୍କୁ ଖର୍ଚ୍ଚ କରିଥାନ୍ତେ ପାଖରେ ସେ ମଣିଷ ନାହିଁ। ଯଦିଓ ଲାଭରେ ଅନେକ ଲୋକ ସଞ୍ଚୟକୁ ଚୁରୁହୁ ହେଉଥାନ୍ତି, ଏଥେପି ସୁନ୍ଦରିଙ୍କ ଏହି କାହାଣୀ ଏକଥା ବୁଝାଇ ଦେଉଛି ଯେ, ଟଙ୍କାଠୁ ଅଧିକ ମୂଲ୍ୟବାନ ହେଉଛି ସମୟ, ସ୍ୱାସ୍ଥ୍ୟ ଓ ଖୁସି। ଆମାଜିକ ଗଣମାଧ୍ୟମରେ ସୁନ୍ଦରିଙ୍କ ଜୀବନୀ ସେମାନ୍ୟ ହେବା ପରେ ସମୟ ଓ ସ୍ୱାସ୍ଥ୍ୟ ଅଧିକ ମୂଲ୍ୟବାନ ହୋଇ ଏହା ଲୋକଙ୍କୁ ମନେ ପକାଇ ଦେଉଛି।





ରାଶି ଫଳ

- ମେଷ: ବାର୍ଷ ଦିନର ଆଶା ପୂରଣ ହେବ। ପେଟେଜନିତ ସମସ୍ୟା ଦେଖାଦେଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ବ୍ୟବସାୟରେ କ୍ଷତି ସହି ପାରନ୍ତି। ଲାଭ-କ୍ଷତିଶୀଳ ସହଯୋଗ ମିଳିବ।
- ବୃଷ: ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଜିନେଷ କିଣିବାକୁ ଭଲ ସମୟ। ବନ୍ଧୁ ଏମାନଙ୍କ ହୋଇପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।
- ମିଥୁନ: ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବନି। ଶ୍ରୋତ ଉପରେ ନିୟନ୍ତ୍ରଣ ରଖନ୍ତୁ। ବିଦେଶରୁ ଲାଭ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଖର୍ଚ୍ଚ କରିପାରେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗ ଦେବେ।
- କର୍କଟ: କର୍ମକ୍ଷେତ୍ରରେ ସମ୍ମାନ୍ଧ ସହ ଭଲ ଆଚରଣ ଦେଖାନ୍ତୁ। ଠିକାଦାରଙ୍କ କଥାମତି ଚଳନ୍ତୁ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ଧାର୍ମିକସ୍ଥାନକୁ ଯାତ୍ରା ଯୋଗ ଅଛି।
- ସିଂହ: ଖର୍ଚ୍ଚ କରିବେ। ଅଫିସ୍‌କାମ ପାଇଁ ଦୂରଯାତ୍ରା ଯୋଗ ରହିଛି। ଜୀବନସାଥୀଠାରୁ ସମ୍ମାନ ପାଇବେ। ଲୋକ ସମ୍ପର୍କ ବଢ଼ିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।
- କନ୍ୟା: ମିଳେଜୁଲି ଚାଲି ଚଳି ପାରନ୍ତି। ଦାମ୍ପତ୍ୟ ଜୀବନରେ ତିକ୍ତ ସୃଷ୍ଟି ହେବ। ପରେଶାଣ୍ଡ ସହ ସୁସମ୍ପର୍କ ରହିବ। ଘର ପାଇଁ କୁଣ୍ଡା ଜିନିଷ କିଣିବେ। ବନ୍ଧୁଙ୍କ ସହ ଦୂର ସ୍ଥାନ ଯାତ୍ରା କରିପାରନ୍ତି।
- ତୁଳା: ଅବାନ୍ତର ଖୁସି ଖବର ପାଇବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ଯୋଜନା ଭାବିବେ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ଦିଅନ୍ତୁ। ଦାନ ଧର୍ମ କରନ୍ତୁ। ପୁରୁଣା ଦିନଦେଖୁ ଲାଭ ମିଳିବ।
- ବିଛା: ରାଜନୀତିରେ ସହିଷ୍ଣୁ ରହି ପାରନ୍ତି। ମୂଲ୍ୟ ଗାଡ଼ି କିଣିବେ। ଫେଟ୍‌ବଲ ସ୍ପର୍ଦ୍ଧାକୁ ଗେଲେ ବିବାଦ ସୃଷ୍ଟି ହେବ। ଆୟର ବ୍ୟୟ ସମାନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।
- ଧନୁ: ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପିଲାମାନେ ନାଚ ଗୀତରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପରିବାର ପରିବେ ଦରଖାସ୍ତିର ସମ୍ମାନ ଦିଆଯାଇବ।
- ମକର: ଧାର୍ମିକ କାର୍ଯ୍ୟରେ ସମୟ ବିତିବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ। ଜରୁରିଥିବା ଭାବେ ନିଷ୍ପତ୍ତି ନିଅନ୍ତୁ ନି। ପୁରୁଣା ନିବେଶରୁ ଲାଭ ପାଇବେ। ବନ୍ଧୁ ସମ୍ପର୍କରେ ଚେତାବନୀ।
- କୁମ୍ଭ: ଅଫିସରେ କାର୍ଯ୍ୟ ଭାର ବଢ଼ିବ। ନୂଆ ଦାୟିତ୍ୱ ଦେଖିପାରନ୍ତି। ଭାଇ ଭଉଣୀ ସହ ସମ୍ପର୍କ ସୁଦୃଢ଼ ହେବ। ଅଯଥା ଖର୍ଚ୍ଚ ହୋଇପାରନ୍ତି।
- ମୀନ: ଅଫିସରେ କାମକୁ ନେଇ ଚିନ୍ତା ବଢ଼ିବ। ବିନନି ମିଶ୍ରମିତ ପ୍ରବାଳ କରିବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅନ୍ୟମାନ୍ଙ୍କ ଖୁସି ଖବର ପାଇବେ। ମିଳାମାନେ ଲେଖକମାନ୍ଙ୍କ ନେବେ। ଆୟର ବ୍ୟୟ ସମାନ ରହିବ।

ଉତ୍କଳ ସମାଚାର

ସମ୍ପାଦକୀୟ...

ରବିବାର ୧୧ ଜାନୁଆରୀ ୨୦୨୬

ବିଚାରର ବିଷୟ

ସାଧାରଣ ଫୌଜଦାରୀ ଆଇନରୁ 'ୟୁ.ଏ.ପି.ଏ.' ବା 'ଟି.ଏମ.ଏଲ.ଏ.' (ପ୍ରିଭେନସନ ଅଫ ମନି ଲଣ୍ଡରିଂ ଆକ୍ଟ) ଭଳି ବିଶେଷ ଆଇନ ଏଥି ଲାଗି ପୃଥକ୍ ଯେ ସାଧାରଣ ଫୌଜଦାରୀ ମାମଲାରେ ଦୋଷୀ ସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ଅଭିଯୁକ୍ତକୁ ନିର୍ଦ୍ଦୋଷ ବୋଲି ଧରା ଯାଇଥାଏ, କିନ୍ତୁ ବିଶେଷ ଆଇନ ଦ୍ୱାରେ ଅଭିଯୁକ୍ତକୁ ପ୍ରଥମରୁ ହିଁ ଦୋଷୀ ବୋଲି ଧରି ନିଆଯାଏ, ଯହିରେ ନିର୍ଦ୍ଦୋଷତା ପ୍ରମାଣ କରିବା ହେଉଛି ଅଭିଯୁକ୍ତର ଦାୟିତ୍ୱ । ଏଣୁ ଏଭଳି ମାମଲାରେ ସାକ୍ଷ୍ୟ-ପ୍ରମାଣ ଯୋଗାଡ଼ଯନ୍ତ୍ରର ଜଟିଳତାରେ ଛନ୍ଦା ଅଭିଯୁକ୍ତ ଦାର୍ଘ କାଳ ଧରି ଜେଲ ବିଚାରରେ ଜେଲରେ ପଡ଼ିରହେ । ତେବେ ଆତଙ୍କବାଦ ଓ ରାଷ୍ଟ୍ରୀୟ ନିରାପତ୍ତା ଭଳି ଅତ୍ୟନ୍ତ ସଂବେଦନଶୀଳ ବିଷୟ 'ୟୁ.ଏ.ପି.ଏ.' ସହିତ ଯୋଡ଼ି ହୋଇଥିବାରୁ ଏଭଳି ଏକ ସର୍ବସ୍ୱୀକୃତ ନିୟମଟିଏର ଆବିର୍ଭାବ ଘଟିବା ମଧ୍ୟ ଏକ ଦୁଷ୍ଟର ବ୍ୟାପାର । ଏହି ସପ୍ତାହର ମଧ୍ୟରେ ଦେଶର ଉଚ୍ଚ ଅଦାଲତଗୁଡ଼ିକରେ ଅନ୍ତତଃ ତିନିଟି ଅତ୍ୟନ୍ତ ଉଲ୍ଲେଖନୀୟ ଘଟଣାରେ ଜାମିନ ଓ ପାରୋଲ ସମ୍ବନ୍ଧୀୟ ବିଚାର ଓ ନିଷ୍ପତ୍ତିକୁ ନେଇ ଲୋକଚକ୍ଷୁରେ ଓ ବିମର୍ଶକାରଙ୍କ ବୈଠକଖାନାରେ ବିପୁଳ ତର୍କୀ ଦେଖିବାକୁ ମିଳୁଛି, ଯେଉଁଠି ସଂବିଧାନର ଧାରା ୨୧ ଅନ୍ତର୍ଗତ ନାଗରିକ ସ୍ୱାଧୀନତା ଭଳି ମେ ?ଳିକ ଅଧିକାର ପରିପ୍ରେକ୍ଷୀରେ 'ବେଲ୍' ବା ଜାମିନ ପାଇବାର ଅଗ୍ରାଧିକାର ନେଇ ଯୁକ୍ତି ଓ ପ୍ରତିଯୁକ୍ତିର ସ୍ୱାଦର ସୃଷ୍ଟି ହୋଇଛି । ଉପରୋକ୍ତ ତିନିଟି ଘଟଣା ମଧ୍ୟରୁ ଗୋଟିଏରେ ମାନ୍ୟବର ସର୍ବୋଚ୍ଚ ଅଦାଲତର ଏକ ଦୁଇଜଣିଆ ଖଣ୍ଡପୀଠ ଦ୍ୱାରା ସି.ଏ.ଏ. ଆନ୍ଦୋଳନକାରୀ ଉମର ଖାଲିଦ ଓ ସର୍ଜିଲ ଇମାମଙ୍କ ପକ୍ଷରୁ ଆଗତ ଜାମିନ ଆବେଦନକୁ ପୁଣି ଥରେ ଅଗ୍ରାହ୍ୟ କରି ଦିଆଯାଇଛି; ଦ୍ୱିତୀୟଟିରେ ଏକାଧିକ ଧର୍ଷଣ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ବାବା ରାମ ରହିମଙ୍କୁ ପୁନର୍ବାର ପାରୋଲ ମିଳିଛି, ଅର୍ଥାତ୍ ପଂଚଦଶତମ ପାରୋଲ ଏବଂ ତୃତୀୟ ମାମଲାରେ 'ଏନ.ଏସ.ଏ.'ରେ ଗିରଫ ହୋଇ ଯୋଧପୁର ଜେଲରେ ବନ୍ଦୀ ଥିବା ପରିବେଶ କର୍ମୀ ଓ ଶିକ୍ଷାବିତ୍ ସୋନମ ୱାଙ୍ଗଚୁକଙ୍କ ଜାମିନ ସଜାଣୀ ପ୍ରଥମ ଶୁଣାଣି ଗଲା ଗୁରୁବାର ଦିନ ଆରମ୍ଭ ହୋଇଛି । କହିବା ଅନାବଶ୍ୟକ ଯେ ଅପରାଧର ଭୀଷଣତା ଓ ମାତ୍ରା ତଥା ଅଭିଯୁକ୍ତ ଉପରେ ଲଗା ଯାଇଥିବା ଦଫା ଉପରେ ଜାମିନ ଦି ପାରୋଲ ମିଳିବା ବା ନ ମିଳିବା ଭଳି ବିଷୟ ନିର୍ଦ୍ଧାର କରିଥାଏ; କିନ୍ତୁ ଭାରତୀୟ ଅଦାଲତଗୁଡ଼ିକରେ ମାମଲାର ଗୁଣ ଏବଂ ବିଚାର ପ୍ରକ୍ରିୟାର କଳ୍ପନା ସୁଲଭ ମନୁଚାରୀ ଦୃଷ୍ଟିକୁ ଜଣେ ବିଚାରାଧୀନ ବନ୍ଦୀ ବିନା ବିଚାରରେ ଜାରାରୁଦ୍ଧ ହୋଇ ରହି ଚା'ର ମାନବିକ ଅଧିକାର ହରାଇବା ମଧ୍ୟ ଚିନ୍ତାର ବିଷୟ ହୋଇଥାଏ । ଉପରେ ଉଲ୍ଲିଖିତ ତିନିଟି ମାମଲା ମଧ୍ୟରୁ ସର୍ବାଧିକ ଆଲୋଚିତ ହେଉଛି 'ୟୁ.ଏ.ପି.ଏ.'(ବେଆଇନ କାର୍ଯ୍ୟକଳାପ ନିରୋଧକ ଆଇନ) ବଳରେ ଗିରଫ ହୋଇଥିବା ଉମର ଖାଲିଦ ଓ ସର୍ଜିଲ ଇମାମଙ୍କ ଜାମିନ ଆବେଦନର ପ୍ରତ୍ୟାଖ୍ୟାନ, ଯେତେବେଳେ ଜି ତାଙ୍କ ସହିତ ସମାନ ଦଫାରେ ଅଭିଯୁକ୍ତ ଅନ୍ୟ ୫ ଜଣଙ୍କୁ ଜାମିନ ମିଳିଛି । ଏ ସଂଦର୍ଭରେ ଖଣ୍ଡପୀଠଙ୍କ ମତ ଅତ୍ୟନ୍ତ ସ୍ପଷ୍ଟ ଯେ ଆତଙ୍କବାଦ ଓ ରାଷ୍ଟ୍ରୀୟ ନିରାପତ୍ତା ସହିତ ସଂଶ୍ଳିଷ୍ଟ 'ୟୁ.ଏ.ପି.ଏ.'ର ଧାରା ୪୩ଡି(୫) ଅନୁସାରେ ଅଭିଯୁକ୍ତ ବିରୋଧରେ ଯଦି 'ପ୍ରାଇମା ଫେସାଇ' ବା 'ଦେଖିଲା ମାତ୍ରରେ ବିଶ୍ୱାସଯୋଗ୍ୟ ହେଉଥିବା ଭଳି' ପ୍ରମାଣ ଉପଲବ୍ଧ ଥାଏ, ତେବେ ଜାମିନ ଦେବାର ଅବକାଶ ନ ଥାଏ, ଯାହା ଉମର ଖାଲିଦ ଓ ସର୍ଜିଲ ଇମାମଙ୍କ କ୍ଷେତ୍ରରେ ଅଛି । ଅନ୍ୟ ୫ ଜଣ ଅଭିଯୁକ୍ତଙ୍କ ଉପରେ 'ୟୁ.ଏ.ପି.ଏ.' ଲାଗୁ ହୋଇଥିଲେ ଦେଁ ଅପରାଧ ସହିତ ଅପେକ୍ଷାକୃତ ଲଘୁ ସଂପୃକ୍ତି ହେତୁ ସେମାନଙ୍କୁ ଜାମିନ ମିଳି ପାରିଛି । ପ୍ରକାଶ ଥାଉ କି 'ପ୍ରାଇମା ଫେସାଇ' ପ୍ରମାଣ ଅନୁସାରେ 'ସି.ଏ.ଏ.'ର ପ୍ରତିବାଦରୁ ସୃଷ୍ଟ ୨୦୨୦ ମସିହାର ଦିଲ୍ଲୀ ଦଙ୍ଗାର ମୁଖ୍ୟ ସୂତ୍ରଧାର ଏବଂ କାରଣ ହେଉଛନ୍ତି ଉମର ଖାଲିଦ ଓ ସର୍ଜିଲ ଇମାମ, ଯହିରେ ୫୦ ଜଣଙ୍କ ପ୍ରାଣହାନି ଘଟିଥିଲା ଏବଂ ୭୦୦ ସରିଲି ଆହତ ହୋଇଥିଲେ । ତେବେ ଏଭଳି ନିଷ୍ପତ୍ତି ସହିତ ମତାନୈକ୍ୟର କାରଣ ହେଲା, ଦାର୍ଘ ୫ ବର୍ଷ ଧରି ବିଚାର ପ୍ରକ୍ରିୟା ଆରମ୍ଭ ହୋଇ ଯାରି ନ ଥିବାରୁ ବିନା ବିଚରରେ ଏଭଳି ଦାର୍ଘକାଳୀନ ଜାରାବାସ ଫଳରେ ସଂବିଧାନର ଧାରା ୨୧ ଅନ୍ତର୍ଗତ ନାଗରିକ ସ୍ୱାଧୀନତା ଭଳି ମୌଳିକ ଅଧିକାର(ଦ୍ରୁତ ବିଚାର ପାଇବାର ଅଧିକାର ସମେତ) କ୍ଷୁଣ୍ଣ ହୋଇଥାଏ । କିନ୍ତୁ ଖଣ୍ଡପୀଠଙ୍କ ମତ ପ୍ରାଂଜଳ ଯେ 'ୟୁ.ଏ.ପି.ଏ.' ହେଉଛି ରାଷ୍ଟ୍ରୀୟ ସୁରକ୍ଷା ସମ୍ବନ୍ଧିତ ଏକ ବିଶେଷ ପ୍ରାବଧାନ, ଯହିରେ ବିନା ବିଚାରରେ ଦାର୍ଘ ଜାରାବାସକୁ ମଧ୍ୟ ଏକ ଦଣ୍ଡ ରୂପେ ଦେଖାଯାଇ ନ ପାରେ; ଅର୍ଥାତ୍ ଏହା ହେଉଛି ଏକ ବିଶେଷ ସଂଦର୍ଭରେ ଅବଲମ୍ବନ କରାଯାଇଥିବା ଅତିରିକ୍ତ ସତର୍କତା ! ତେବେ 'ୟୁ.ଏ.ପି.ଏ.' ଭଳି ଏକ ଅତ୍ୟନ୍ତ କଠୋର ଆଇନ ପରିପ୍ରେକ୍ଷୀରେ ଦ୍ରୁତ ପ୍ରକାର ଉଦ୍‌ବେଗ ପ୍ରକଟିତ ହୋଇଥାଏ, ଯହିଁରୁ ଗୋଟିଏ ହେଲା ଆକ୍ରୋଶ ଓ ଅଭିଯୋଗ କାରଣରୁ ଏଭଳି ଆଇନକୁ ଅସ୍ତ୍ର ରୂପେ ପ୍ରୟୋଗ କରିବାର ପ୍ରବଣତା ଏବଂ ଦ୍ୱିତୀୟଟି ହେଲା ଜାମିନ ଦେବା ବା ନ ଦେବା ପ୍ରସଙ୍ଗରେ ଭିନ୍ନ ଭିନ୍ନ ବିଚାରପତିଙ୍କ ଦ୍ୱାରା 'ୟୁ.ଏ.ପି.ଏ.' ବିଭିନ୍ନ ରୂପରେ ପରିଭାଷିତ ହେବା; ଯେଉଁ କାରଣରୁ ଜଣେ ଅଭିଯୁକ୍ତ ଜାମିନ ପାଇବା ବା ନ ପାଇବା ହୁଏତ ଭାଗ୍ୟାଶ୍ରିତ ମଧ୍ୟ ହୋଇପାରେ । ଏହି ସଂଦର୍ଭରେ ଭାରତ ସରକାର ବନାମ ଏମ. ଏ. ନାଜିବ ମାମଲା(୨୦୨୧) ପ୍ରଣିଧାନଯୋଗ୍ୟ, ଯେଉଁଥିରେ 'ୟୁ.ଏ.ପି.ଏ.' ଆଇନ ଅନୁସାରେ କାରାରୁଦ୍ଧ ହୋଇଥିବା ଏମ. ଏ. ନାଜିବଙ୍କୁ ଜେରେଜ ଉଚ୍ଚ ଅଦାଲତ ଦ୍ୱାରା ଏଥି ଲାଗି ଜାମିନ ପ୍ରଦାନ କରାଯାଇଥିଲା, କାରଣ ବିନା ବିଚାରରେ ସେ ପ୍ରାୟ ୫ ବର୍ଷ ଜାଳ ଜେଲରେ ରହି ସାରିଥିଲେ । କେବଳ ହାଇକୋର୍ଟଙ୍କ ମତରେ ଧାରା ୨୧ ଅନୁଯାୟୀ ସଂବିଧାନ ଦ୍ୱାରା ପ୍ରଦତ୍ତ ନାଗରିକ ସ୍ୱାଧୀନତା ସଂବଳିତ ମୌଳିକ ଅଧିକାର ହେଉଛି ସର୍ବୋପରି, ଯାହା କୌଣସି ଆଇନଗତ ପ୍ରାବଧାନ ଦ୍ୱାରା(ବିଶେଷ ଆଇନ ହୋଇଥିଲେ ସୁଦ୍ଧା) ସଂକୁଚିତ ହେବା ଅନୁଚିତ । ହାଇକୋର୍ଟଙ୍କ ଏହି ରାୟ ବିରୋଧରେ କେନ୍ଦ୍ର ସରକାରଙ୍କ ଆବେଦନ ମାନ୍ୟବର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ମଧ୍ୟ ଖାରଜ ହୋଇଥିଲା । ଏଠାରେ ସ୍ମରଣଯୋଗ୍ୟ ଯେ ପ୍ରଶ୍ନପତ୍ରରେ 'ଲ୍ୟସେମି' ବା 'ଶତ୍ରୁ ଦ୍ରୋହ' ଅଛି ଭୋଜି ଧାରଣାର ବଶୀଭୂତ ହୋଇ ତାକୁ ପ୍ରଶ୍ରୁତ କରିଥିବା ଜଣେ ପ୍ରଫେସରଙ୍କ ହାତକୁ ଅଭିଯୁକ୍ତ ସଦଳବଳ ଯାର ଛେଦନ କରିଥିଲା । ସେ ଯାହା ହେଉ, ଏଭଳି ବ୍ୟାଖ୍ୟାଗତ ତାରତମ୍ୟ ପରିପ୍ରେକ୍ଷୀରେ ବିଶେଷଜ୍ଞମାନେ କହନ୍ତି ଯେ ସଂବିଧାନ ପ୍ରଦତ୍ତ ମୌଳିକ ଅଧିକାର ଓ ଏବଂ ବିଶେଷ ଉଦ୍ଦେଶ୍ୟରେ ପ୍ରସ୍ତୁତ ବିଶେଷ ଆଇନଗୁଡ଼ିକରେ ଥିବା କଠୋର ପ୍ରାବଧାନ ସବୁକୁ ନେଇ ସୂକ୍ଷାତିସୂକ୍ଷ୍ମ ବିଚାର ଓ ବ୍ୟାଖ୍ୟା ମାଧ୍ୟମରେ ଜାମିନ ପ୍ରଦାନ ନେଇ ଏକ ସମତୁଲ ନିୟମର ଉଦ୍ଭବ ଘଟିବା ଏକାନ୍ତ ଆବଶ୍ୟକ ।

ଜିଲ୍ଲା ଖଣିଜ ପାଣ୍ଠି- ଲକ୍ଷ୍ୟ ଓ କାର୍ଯ୍ୟକାରିତା

ଜନ୍ମଗର୍ଭୀ ଭାରତ । ଏହି ଦେଶର ସମସ୍ତ ରାଜ୍ୟ ବିଭିନ୍ନ କାରଣ ପାଇଁ ପ୍ରସିଦ୍ଧି ଲାଭ କରିଛନ୍ତି । ଜାହାର ପର୍ଯ୍ୟଟନ କ୍ଷେତ୍ର ଉନ୍ନତ ତ କାହାର ଉନ୍ନତ କୃଷି ଓ ଜିଏ ଖଣିଜ ସମ୍ପଦରେ ଭରପୂର । ଖଣିଜ ସମ୍ପଦଭରା ରାଜ୍ୟ-ଛତିଶଗଡ଼, ଝାଡ଼ଖଣ୍ଡ ଓ ଓଡ଼ିଶା ଅବ୍ୟବହିତ ଭୂଗର୍ଭରେ ଲୁହାପଥର, କୋଇଲା, ମାଙ୍ଗାନିଜ, କ୍ରୋମାଇଟ୍, ଡୋଲମାଇଟ୍ ଓ ବକ୍ସାଇଟ୍ ଆଦି ଖଣିଜ ଦ୍ରବ୍ୟ ଭରପୂରେ ଥିବାବେଳେ ଭୂପୃଷ୍ଠରେ ଜଳ, ଜଙ୍ଗଲ ଓ ଜମି ପର୍ଯ୍ୟାପ୍ତ ପରିମାଣରେ ରହିଛି । ଏହିସବୁ ସମ୍ପତ୍ତିକୁ ଖନନ ଓ ବ୍ୟବହାର କରି ଭାରତ ତାର ଅର୍ଥନୀତିକୁ ସୁଦୃଢ଼ କରୁଛି । ଦିନ ଥିଲା, ବିଦେଶ ଶକ୍ତିମାନେ ଖଣିଜ ସମ୍ପଦର ଲୋଭ ଏଡ଼ାଇନପାରି ବ୍ୟବସାୟ ପାଇଁ ମନ ବଳାଇ ବହୁବର୍ଷ ଧରି ଆମକୁ ଶାସନ କଲେ । ଙ୍ଗରେଜମାନେ ୨୦୦ବର୍ଷ ଧରି ଶାସନ କରି ଅନେକ ସମ୍ପତ୍ତି ତାଙ୍କ ଦେଶକୁ ଚାଲାଣ କରିଥିଲେ । ଆମ ଦେଶରେ ଚଳାଇଲା ଶାସକମାନଙ୍କ ମଧ୍ୟରେ ସହମତି, ସହଯୋଗିତା ଓ ନିଷ୍ଠାପରତା ଅଭାବ ପାଇଁ ବିଦେଶୀ ଶାସକମାନେ ଅନାୟାସରେ ଶାସନ କରି ଖଣିଜ ସମ୍ପଦକୁ ଲୁଣ୍ଠନ କରିପାରିଲେ । ସଚେତନତା ଓ ଶିକ୍ଷା ବୃଦ୍ଧି ଯୋଗୁଁ ଆନ୍ଦୋଳନ ମାଧ୍ୟମରେ ଦେଶକୁ ସ୍ୱାଧୀନତା ମିଳିଲା । ଏହା ଭିତରେ ୭୭ବର୍ଷ ବିତିଗଲାଣି । ମହତ୍ତ୍ୱ ଥିବା ଖଣିଜ ସମ୍ପଦକୁ ସଠିକ୍ ଭାବରେ ଖନନ ଓ ବ୍ୟବହାର କରି ରାଜ୍ୟ ତଥା ଦେଶର ଆୟ ବୃଦ୍ଧି କରିବା ସଙ୍ଗେ ଅର୍ଥନୀତିକୁ ମଧ୍ୟ ଆଗେଇନେବାକୁ ହେବ । ମାତ୍ର ଦେଖାଯାଉଛି ପରିତାନା ତ୍ରୁଟି ହେଉ କିମ୍ବା ଦୂରଦୃଷ୍ଟିସମ୍ପନ୍ନ ହେଉ, ଦେଶ ଅନେକ କ୍ଷତି ସହିବା ସହିତ ସାଧାରଣ ଲୋକେ ପ୍ରଭାବିତ ହେଉଛି କ୍ଷତିଗ୍ରସ୍ତ ହେଉଛନ୍ତି । ବିଶେଷ ଭାବରେ ଖଣି ଖନନ ଓ ପରିବହନ ଦ୍ୱାରା ଖଣି ଅଂଚଳରେ ବସବାସ କରୁଥିବା ଲୋକମାନେ ନାଜିଁନିଥିବା ଦୁର୍ଦ୍ଦଶା ଭୋଗୁଛନ୍ତି । ପରିବେଶ କଳୁଷିତ ହେବା, ଶ୍ୱାସ୍ଥ୍ୟାନି ହେବା, ଶିକ୍ଷା ଓ ଗମନାଗମନର ଅସୁବିଧା ଭୋଗିବା ଯୋଗୁଁ ସେମାନଙ୍କର ଜୀବନ ମଧ୍ୟ ଦୁର୍ବିସହ ହୋଇପଡୁଛି । ଏହାକୁ ହୃଦୟଙ୍ଗମ କରି ଜୀବନ ପ୍ରବାହର ଉନ୍ନତି ପାଇଁ ଜାତୀୟ ସ୍ତରରେ ୨୦୧୫ ମସିହାରେ ଏମ୍.ଏମ୍.ଡି.ଆର୍ (ମାଇନ୍ସ, ମିନେରାଲ୍ସ ଡେଭେଲପମେଣ୍ଟ ରେଗୁଲେସନ) ଆଇନ ଅଣାଗଲା ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନମାନ ରାଜ୍ୟସ୍ତରରେ ପ୍ରତିଷ୍ଠା କରି ପ୍ରତ୍ୟେକ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରାଗଲା , ଯାହା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉଛି । ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏକ ଲାଭବିହୀନ ଟ୍ରଷ୍ଟ, ଯାହା ଭାରତର ଖଣିଖାଦାନ ଦ୍ୱାରା ପ୍ରଭାବିତ ହେଉଥିବା ଜିଲ୍ଲାଗୁଡ଼ିକ ପାଇଁ ଉଦ୍ଦିଷ୍ଟ । ଖଣି କାର୍ଯ୍ୟଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଜିଲ୍ଲାର ଅଧିବାସୀମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଓ ପରିବେଶ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟିଦେବା ପାଇଁ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପି.ଏମ୍.କେ.କେ.କେ.ୱାଇ) ଅଧୀନରେ ଖଣି ଓ ଖଣିଜ ଦ୍ରବ୍ୟ ଆଇନକୁ ସଂଶୋଧନ ଦ୍ୱାରା ଲାଭ ଅବୟବ ସ୍ଥାନୀୟ ଲୋକମାନଙ୍କ ଉପକାର ଓ ଉନ୍ନତି ପାଇଁ ପାଣ୍ଠି ସଂଗ୍ରହ କରି ବିନିଯୋଗର ଲକ୍ଷ୍ୟ ସାଧନ ପାଇଁ ଏହାର ସୃଷ୍ଟି ଅଟେ । ଜିଲ୍ଲା ଖଣିଜ ପ୍ରତିଷ୍ଠାନଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଲା ଖଣିଜ ପାଣ୍ଠି ଗଠନ, ସଂଗ୍ରହ ଓ ଉଚିତ ପରିଚାଳନା । ଏହାର ମୋଟାମୋଟି କ୍ଷେତ୍ରଗୁଡ଼ିକ ହେଲା ଖଣିଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷ ଓ ଅଂଚଳର ଉପକାର ଏବଂ ଉନ୍ନତି, ଖଣି କିଲ୍ଲାଗୀମାନେ ଦେଉଥିବା ରୟାଲ୍ଟିର କିଛି ଅଂଶ ପ୍ରଦାନ କରିବା ସହିତ ଆବଶ୍ୟକ କ୍ଷେତ୍ରକୁ ଅନୁଧ୍ୟାନ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଓ ପରିବେଶ ପ୍ରତି ସ୍ୱତନ୍ତ୍ର ଭାବରେ ଦୃଷ୍ଟିଦେବା ପାଇଁ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପି.ଏମ୍.କେ.କେ.କେ.ୱାଇ) ଅଧୀନରେ ଖଣି ଓ ଖଣିଜ ଦ୍ରବ୍ୟ ଆଇନକୁ ସଂଶୋଧନ ଦ୍ୱାରା ଲାଭ ଅବୟବ ସ୍ଥାନୀୟ ଲୋକମାନଙ୍କ ଉପକାର ଓ ଉନ୍ନତି ପାଇଁ ପାଣ୍ଠି ସଂଗ୍ରହ କରି ବିନିଯୋଗର ଲକ୍ଷ୍ୟ ସାଧନ ପାଇଁ ଏହାର ସୃଷ୍ଟି ଅଟେ । ଜିଲ୍ଲା ଖଣିଜ ପ୍ରତିଷ୍ଠାନଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେଲା ଖଣିଜ ପାଣ୍ଠି ଗଠନ, ସଂଗ୍ରହ ଓ ଉଚିତ ପରିଚାଳନା । ଏହାର ମୋଟାମୋଟି କ୍ଷେତ୍ରଗୁଡ଼ିକ ହେଲା ଖଣିଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷ ଓ ଅଂଚଳର ଉପକାର ଏବଂ ଉନ୍ନତି, ଖଣି କିଲ୍ଲାଗୀମାନେ ଦେଉଥିବା ରୟାଲ୍ଟିର କିଛି ଅଂଶ ପ୍ରଦାନ କରିବା ସହିତ ଆବଶ୍ୟକ କ୍ଷେତ୍ରକୁ ଅନୁଧ୍ୟାନ କରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଦକ୍ଷତା ବିକାଶ, ନାରୀ ତଥା ଶିଶୁ ବିକାଶ ଓ ପରିବେଶ କ୍ଷେତ୍ରରେ ଅର୍ଥ ବିନିଯୋଗ କରିବା । ଜିଲ୍ଲା ଖଣିଜ ପାଣ୍ଠିର ସୁବିନିଯୋଗ କରିବା ପାଇଁ କେନ୍ଦ୍ରିୟ ଯୋଜନାୟ ପରକ୍ଷେପ ଯଥା- ବାର୍ଷିକ ଅଡିଟ୍ ଓ ରିପୋର୍ଟ ପ୍ରକାଶ କରିବା, ଖଣି ପ୍ରଭାବିତ ଅଧିବାସୀମାନଙ୍କୁ ଶୁଣିବା ପାଇଁ ଅଭିଯୋଗ ଲକ୍ଷର ଆୟୋଜନ କରିବା, ପାଣ୍ଠି ଖର୍ଚ୍ଚ କରିବାରେ ସ୍ୱଚ୍ଛତା ଆଣିବା ଏବଂ ଆଇନ ମଧ୍ୟରେ ରହି ଖର୍ଚ୍ଚ କରିବା ପାଇଁ ଯଥାସାଧ୍ୟ ଚେଷ୍ଟାହେବା ଉଚିତ୍ । ଖଣିଜ ପାଣ୍ଠିକୁ ବିନିଯୋଗ କଲାବେଳେ ମୁଖ୍ୟତଃ ୩ଟି ଦିଗକୁ ତର୍ଜମା କରିବା ଆବଶ୍ୟକ । ପ୍ରଥମତଃ, ଖଣି ଉତ୍ପାଦନ ଓ ପର ସମୟରେ ଲୋକମାନେ ଏହାଦ୍ୱାରା ଆଦୌ ପ୍ରଭାବିତ ହେବେନାହିଁ ବା ଅଳ୍ପ ପ୍ରଭାବିତ ହେବେ । ପରିବେଶ, ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ପ୍ରଭାବକୁ ଦୃଷ୍ଟିରେ ରଖି ସମୟପୋଯୋଗୀ ପଦକ୍ଷେପମାନ ଗ୍ରହଣ କରିବା ଉଚିତ୍ । ଦ୍ୱିତୀୟରେ, ଖଣି ଯୋଗୁଁ ଜମି, ଜୀବିକା ଓ ରୋଜଗାର ହରାଇଥିବା ଲୋକମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତର ଆୟକୁ ସୁନିଶ୍ଚିତ କରି ଜୀବନଧାରଣର ମାନ ବୃଦ୍ଧି କରିବା । ତୃତୀୟରେ, ବିଭିନ୍ନ ପ୍ରକାର ଆବଶ୍ୟକୀୟତା ଲାଭଉଠାଇବା ଯୋଜନାକୁ ସମ୍ପନ୍ନିତ୍ୱ କରିପାରିବ । ବିଶେଷ ଭାବରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ପ୍ରଚଳିତ ଥିବା କାର୍ଯ୍ୟକ୍ରମଗୁଡ଼ିକୁ ଉଚିତ୍ ଭାବରେ ଲାଗୁ କରାଇବା । ଏମ୍.ଏମ୍.ଡି.ଆର ଆକ୍ଟ ୧୯୫୭ର ଧାରା ୯(ଖ), ଉପଧାରା(୧) ଅନୁଯାୟୀ ପ୍ରତ୍ୟେକ ରାଜ୍ୟ ସରକାର ଖଣିକାର୍ଯ୍ୟ ଦ୍ୱାରା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଜିଲ୍ଲା ଖଣିଜ ପାଣ୍ଠିର ବନ୍ଦୋବସ୍ତ କରିପାରିବେ । ଏହି ଆଇନର ଧାରା ୯(ଖ), ଉପଧାରା (୩) ଖଣିଜ ପାଣ୍ଠିକୁ କିପରି ପରିତାନା କରାଯିବ ତାର ନିୟମାବଳୀ ରାଜ୍ୟମାନଙ୍କୁ ଦିଆହୋଇଅଛି । ଭାରତ ସରକାର ମଧ୍ୟ ପି.ଏମ୍.କେ.କେ.କେ.ୱାଇ ଅଧୀନରେ ଥିବା ନିର୍ଦ୍ଦେଶାବଳୀକୁ ଜିଲ୍ଲା ଖଣିଜ ପାଣ୍ଠିର ପରିତାନାନ ପାଇଁ ଯୋଗାଇ ଦେଇଛନ୍ତି । ଏଥିରେ ସଂଗୃହୀତ ଜିଲ୍ଲା ଖଣିଜ ପାଣ୍ଠିକୁ ବିନିଯୋଗ କରିବା ପାଇଁ ୨ଟି ସ୍ତରରେ ବିଭକ୍ତ କରାଯାଇଛି । ପ୍ରଥମେ ଅତ୍ୟାବଶ୍ୟକ ଯଥା- ପାନୀୟଜଳ, ସ୍ୱାସ୍ଥ୍ୟ ଯତ୍ନ, ଶିକ୍ଷା, ପରିବେଶ ଓ ସ୍ୱଚ୍ଛତା କ୍ଷେତ୍ରରେ ୭୦% ବିନିଯୋଗ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ୩୦% ପର୍ଯ୍ୟନ୍ତ ସଡ଼କ ଓ ସେତୁ ଭିତ୍ତିଭୂମି, ଜଳସେଚନ ଏବଂ ଶକ୍ତି ସଂରକ୍ଷଣ କ୍ଷେତ୍ରରେ ବିନିଯୋଗ ହେବ । ଉଲ୍ଲେଖଥାଉ କି, ପ୍ରତ୍ୟେକ ଭାବରେ ଯେଉଁ ଅଂଚଳରେ ଖଣି ଉତ୍ତୋଳନ ଦ୍ୱାରା ଲୋକମାନେ କ୍ଷତିଗ୍ରସ୍ତ ହେଉଥିବେ ଏହି ପାଣ୍ଠିରୁ ୭୦% ନିଶ୍ଚିତ ଖର୍ଚ୍ଚହେବ । ଖଣିଖାଦାନ ଉତ୍ତୋଳନ କରିବାପାଇଁ ଜିଲ୍ଲାଶାସନଙ୍କୁ ସରକାରଙ୍କର ଅନୁମତି ମିଳିଥାଏ । ସେମାନେ ଏହି ଜିଲ୍ଲା ଖଣିଜ ପାଣ୍ଠିକୁ ନିୟମିତ ରୟାଲ୍ଟି ପେଠି ବ୍ୟତୀତ ଅଧିକ ପ୍ରତିଶତ ଅଂଶ ମଧ୍ୟ ପେଠି କରିଥାନ୍ତି । ୨୦୧୫ ମସିହା ପୂର୍ବରୁ ପାଇଥିବା ଲିଜ୍ଜାଗୀମାନେ ୩୦% ଏବଂ ନିଲାମ ଦ୍ୱାରା ୨୦୧୫ ବର୍ଷ ପରେ ପାଇଥିବା ଲିଜ୍ଜାଗୀମାନେ ରୟାଲ୍ଟିର ୧୦% ଏଥିରେ ପେଠି କରନ୍ତି । ତଥ୍ୟ ଅନୁଯାୟୀ, ୨୦୨୫ ବର୍ଷ ସୁଦ୍ଧା ଜାତୀୟସ୍ତରରେ ୧.୪୨ଲକ୍ଷ କୋଟି ଟଙ୍କା ୨୩ଟି ରାଜ୍ୟର ୬୪୬ ଜିଲ୍ଲାରୁ ସଂଗ୍ରହ ହୋଇଛି । ଓଡ଼ିଶା ସରକାର ଏମ୍.ଏମ୍.ଡି.ଆର ଆକ୍ଟ୍ ୧୯୫୭ ମସିହାଠାରୁ ଏହାକୁ କାର୍ଯ୍ୟକାରୀ କରୁଛନ୍ତି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତି ଜିଲ୍ଲାରେ ଗଠନ ହୋଇ ଖଣିକାର୍ଯ୍ୟ ଚାଲୁଥିବା ସମୟରେ ବା ସରିଲା ପରେ ମଧ୍ୟ ସେମାନଙ୍କର ସ୍ୱାର୍ଥରକ୍ଷା ପାଇଁ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିରୁ ଯେମିତି ଉପକାର ପାଇବେ, ତାହା ପ୍ର

'ଅଗ୍ନି ଜାଗୃକ୍ତ ଅଭିଯାନ' ଶୁଭାରମ୍ଭ

ଝାରସୁଗୁଡା, ୧୦/୧(ନି/ପ୍ର): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ 'ଅଗ୍ନି ଜାଗୃକ୍ତ ଅଭିଯାନ' ଆରମ୍ଭ କରିଛି, ଏକ ମାସିକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଯାହା କମ୍ପାନୀର ବୃତ୍ତ ସୁରକ୍ଷା ସଂସ୍କୃତିକୁ କର୍ମକ୍ଷେତ୍ର ତାହାରେ ଏବଂ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ ସରେ ଶେଷ କରେ। କେନ୍ଦ୍ରିତ ତାଲିମ ଅଧିବେଶନ ଏବଂ ସୁରକ୍ଷା ପ୍ରଦର୍ଶନ ମାଧ୍ୟମରେ, ଏହି ପଦକ୍ଷେପ କମ୍ପାନୀର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ସୁରକ୍ଷା ଉତ୍କର୍ଷତା କାର୍ଯ୍ୟସ୍ଥଳ ଏବଂ ଘରେ ନିରନ୍ତର ସଚେତନତା, ପ୍ରସ୍ତୁତି ଏବଂ ଆତ୍ମବିଶ୍ୱାସ ସହିତ ମିଳିତ ଦୃଢ଼ ବ୍ୟବସ୍ଥାରୁ ଆସିଥାଏ ।ଅଗ୍ନି ଜାଗୃକ୍ତ ଅଭିଯାନ ପ୍ରୟାସ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଅଗ୍ନି ଘଟଣା ନିବାରଣ, ଏଲପିଜି ସିଲିଣ୍ଡରର ସୁରକ୍ଷିତ ବ୍ୟବହାର, ବୈଦ୍ୟୁତିକ ସୁରକ୍ଷା ଏବଂ ସାମଗ୍ରିକ ଘର ସୁରକ୍ଷା ଭଳି କରୁରୀ ଘରୋଇ ସୁରକ୍ଷା ବିଗଡୁଡ଼ିକ ଉପରେ ବ୍ୟବହାରିକ ଜ୍ଞାନ ସହିତ ସଶକ୍ତ କରିବାକୁ ଚେଷ୍ଟା କରେ। ଏହି ପଦକ୍ଷେପର ଏକ ପ୍ରମୁଖ ଆକର୍ଷଣ ହେଉଛି ଲାଇଭ୍ ଅଗ୍ନି ସୁରକ୍ଷା ପ୍ରଦର୍ଶନ, ଯେଉଁଠାରେ ଅଂଶଗ୍ରହଣକାରୀମାନଙ୍କୁ ଅଗ୍ନି ବିପଦ ଚିହ୍ନଟ କରିବା, ଅଗ୍ନି ନିର୍ବାପକ ଯନ୍ତ୍ର ଚଳାଇବା ଏବଂ କରୁରୀକାଳୀନ ସମୟରେ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବା ପାଇଁ ତାଲିମ ଦିଆଯାଏ। ପରିବାରର ସଦସ୍ୟମାନେ ସକ୍ରିୟ ଭାବରେ ଏହି ଅଧିବେଶନଗୁଡ଼ିକରେ ଯୋଗଦାନ କରନ୍ତି, ଯାହା ସେମାନଙ୍କୁ ଅତ୍ୟନ୍ତ ପାରସ୍ପରିକ ଏବଂ ବ୍ୟବହାରିକ କରିଥାଏ ।ବେଦାନ୍ତ ଆଲୁମିନିୟମର ବରିଷ୍ଠ ସୁରକ୍ଷା ବିଶେଷଜ୍ଞ ଏବଂ ଏହାର ବ୍ୟବସାୟିକ ଅଂଶୀଦାରମାନଙ୍କ ଉପସ୍ଥିତିରେ ଉଦ୍ଯାଟନ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବେଦବ୍ରତ ସରକାର, ଇଏଚଏସ ମୁଖ୍ୟ - ଏସଟିଇଏଜି ଏବଂ ବିନୋଦ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପରାମର୍ଶଦାତା - ଏସଟିଇଏଜି, ଅନେକ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ସାମିଲ ଥିଲେ। ପରିବାରର ଉତ୍ସାହୀ ଅଂଶଗ୍ରହଣକୁ ପ୍ରଶଂସା କରିବା ପାଇଁ ଏକ ସମାରୋହ ସହିତ ଏହି ପଦକ୍ଷେପ ଶେଷ ହୋଇଥିଲା, ଯାହା ସୁରକ୍ଷା ଅଭ୍ୟାସର

ସାମୂହିକ ମାଲିକାନା ଭାବନାକୁ ଆହୁରି ମଜବୁତ କରିଥାଏ ।**ଏହି ପଦକ୍ଷେପ ବିଷୟରେ ସୂଚନାଦେଇ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ବନ୍ଧୁ କହିଛନ୍ତି,** "ସୁରକ୍ଷା ହେଉଛି ସ୍ଥାୟୀ କାର୍ଯ୍ୟ ଏବଂ ଦୃଢ଼ ସଂସ୍କୃତାୟର ମୂଳଭୂତା । ଅଗ୍ନି ଜାଗୃକ୍ତ ଅଭିଯାନ ଭଳି ପଦକ୍ଷେପ ସହିତ, ଆମେ ବେଦାନ୍ତ ଝାରସୁଗୁଡ଼ା ସହିତ ଜଡିତ ପ୍ରତ୍ୟେକ ଘରେ ସୁରକ୍ଷା ସଚେତନତା ସଞ୍ଚାରିତା ନିଶ୍ଚିତ କରିବା ପାଇଁ ନିର୍ଦ୍ଦୀୟକ ପଦକ୍ଷେପ ନେଉଛୁ । ପ୍ରତି ମାସରେ ଏହି କାର୍ଯ୍ୟକ୍ରମ ପରିଚାଳନା କରି, ଆମେ ଆମର ସମ୍ପ୍ରଦାୟ ମଧ୍ୟରେ ଦୀର୍ଘକାଳୀନ ସଚେତନତା, ଆତ୍ମବିଶ୍ୱାସ ଏବଂ ସ୍ଥିରତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖୁଛୁ ।"ଅଗ୍ନି ଜାଗୃକ୍ତ ଅଭିଯାନ ଏହାର କାର୍ଯ୍ୟ ମଧ୍ୟରେ ଏକ ଦୃଢ଼ ସୁରକ୍ଷା-ପ୍ରଥମେ ସଂସ୍କୃତି ସୁନିଶ୍ଚିତ କରିବା ପାଇଁ ବେଦାନ୍ତ ଝାରସୁଗୁଡ଼ା ଦ୍ୱାରା ଗ୍ରହଣ କରାଯାଇଛି। ଏହି ଫ୍ଲାଟରେ ୧୦୦ ରୁ ଅଧିକ ସଦସ୍ୟ ବିଶିଷ୍ଟ ଏକ ସମ୍ପୂର୍ଣ୍ଣ ମହିଳା ଅଗ୍ନି ନିର୍ବାପକ ଦଳ 'ଅଗ୍ନିବାହିନୀ' ରହିଛି ଏବଂ ଏଥିରେ କର୍ମଚାରୀମାନଙ୍କୁ ଉଭୟ ସୁରକ୍ଷାର ମୌଳିକ ଦିଗଗୁଡ଼ିକ ସହିତ ପରିଚିତ କରାଯାଇ ପାଇଁ ଡିଜାଇନ୍ କରାଯାଇଥିବା ଅନେକ ସୁରକ୍ଷା ପାର୍କ ମଜ୍ଜ ରହିଛି। ଏହା ସହିତ, ଓଡ଼ିଶା ଜାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ (ଏନଡିଆରଏଫ୍) ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସଡିଏମଏ) ଭଳି ବିଶେଷଜ୍ଞ ସଂସ୍ଥା ସହିତ ନିୟମିତ ମକ୍‌ଡ୍ରିଲ୍ କରାଯାଏ ।ଅଗ୍ନି ଜାଗୃକ୍ତ ଅଭିଯାନକୁ ଏକ ମାସିକ କାର୍ଯ୍ୟକ୍ରମ ଭାବରେ ପ୍ରତିଷ୍ଠା କରି, କମ୍ପାନୀ ଏକ ସ୍ଥାୟୀ ଆଦ୍ୟୋଳନ ସୃଷ୍ଟି କରୁଛି, ଯାହା ସଚେତନତା ସୃଷ୍ଟି କରେ, ପ୍ରସ୍ତୁତିକୁ ମଜବୁତ କରେ ଏବଂ ସମଗ୍ର ପରିବାରକୁ ସୁରକ୍ଷା ଦିଏ। ଏହି ପଦକ୍ଷେପ ଜୀବନ ସୁରକ୍ଷା ଏବଂ ସ୍ଥିର, ସୁରକ୍ଷା-ସଚେତନ ସମ୍ପ୍ରଦାୟକୁ ପୋଷଣ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପ୍ରମାଣ ଅଟେ।

ମା କ୍ଷେତ୍ରପାଳଙ୍କ ପୀଠରେ ସପ୍ତସତୀ ଯଜ୍ଞୋମହୋତ୍ସବ ଉଦ୍‌ଯାପିତ

ଧର୍ମଶାଳା,୧୦/୧(ନି/ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଅର୍ଥଙ୍ଗା ଂଚାୟତ ଅର୍ଥଙ୍ଗାର ଅଧିଷ୍ଠାତ୍ରୀ ଗ୍ରାମଦେବୀ ମା' କ୍ଷେତ୍ରପାଳଙ୍କ ପୀଠସ୍ଥଳୀଠାରେ ୫ମ ବାର୍ଷିକ ସପ୍ତସତୀ ଯଜ୍ଞୋମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଅଂଚଳର ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ଯଜ୍ଞ କର୍ମ ଆରମ୍ଭ ହୋଇଥିଲା । ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ବଡଦଅପୋଲ ଜଟେରୀ ପଡିଆ ନିକଟସ୍ଥ ଚ୍ରାହୁଣୀ ନଦୀରୁ ବାହାରି ବିଭିନ୍ନ ଅଂଚଳ ପରିକ୍ରମା କରାଯାଇ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ ପରେ ବିଦ୍ୱାନ ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜାକର୍ମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଦିବସରେ ରୀତିକାନ୍ତି ଅନୁଯାୟୀ ସୂର୍ଯ୍ୟ ପୂଜା,ଗୋ-ପୂଜା,ଷୋଡଶ ଉପଚାର ପୂଜା ସହ ସନ୍ଧ୍ୟାରେ ସତ୍ସଙ୍ଗ ସମ୍ମିଳନୀ,ପ୍ରବଚନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ୧୦ଗୋଟି ଂଚାୟତର ଶହଶହ ଶ୍ରଦ୍ଧାଳୁ ଯୋଗ ଦେଇ ମା' କ୍ଷେତ୍ରପାଳଙ୍କ ଆଶିଷ ଭିକ୍ଷା କରିଥିଲେ ।

ହୀରାକୁଦରେ ବିଦେଶୀ ପକ୍ଷୀଙ୍କ ଜମିଲାଣି ଭିଡ଼

ସମ୍ବଲପୁର,୧୦/୧(ନି/ପ୍ର): ହୀରାକୁଦ ଜଳଭଣ୍ଡାର ହ୍ରଦର ୧୭୫୦ ବର୍ଗ କିଲୋମିଟର ଅଂଚଳରେ ଚଳିତ ବର୍ଷ ଶୀତ ଋତୁରେ ଆସିଥିବା ଦେଶ ବିଦେଶର ପକ୍ଷୀ ମାନଙ୍କ ଗଣନା ଆରମ୍ଭ ୧୮ ତାରିଖ ଦିନ କରାଯିବ । ଏଥିପାଇଁ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ପ୍ରସ୍ତୁତି ତୁରାନ୍ତ ରହିଛି । ଜଳଭଣ୍ଡାର ଓ ଆଖପାଖରେ ଥିବା ଜଳାଶୟ ସହିତ ଜଙ୍ଗଲରୁ ନେଇ ପକ୍ଷୀଗଣନା ସକାଶେ ୨୧ ଟି ସେକ୍ଟର କରାଯାଇଛି । ଏଥିରେ ୩୨ ଜଣ ପକ୍ଷୀ ବିଶେଷଜ୍ଞ ଏବଂ ୩୮ ଜଣ କ୍ଷେତ୍ରସ୍ତର ଅଧିକାରୀ ଏବଂ କର୍ମଚାରୀ ସାମିଲ ହେବେ ବୋଲି ଡିଭିଜନର ଡ଼ିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି ।ଏବେ ପକ୍ଷୀମାନଙ୍କ ଜଳରବରେ ହୀରାକୁଦ ହ୍ରଦ ମୁଖରିତ ହେଉଛି । ଏହି ହ୍ରଦକୁ ନଭେମ୍ବର ମାସରୁ ହଜାର ହଜାର କିଲୋମିଟର ଆକାଶ ପଥ ଅତିକ୍ରମ କରି ପକ୍ଷୀ ମାନେ ଆସିଥାନ୍ତି । ମାର୍ଚ୍ଚ ପ୍ରାଥମାକ ସୁଦ୍ଧା ଏମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରନ୍ତି । ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ପକ୍ଷୀ ମାନଙ୍କ ପାଇଁ ସୁରକ୍ଷା ପାଇଁ ବନ୍ଦୋବସ୍ତ୍ୱ ସହିତ ସଚେତନତା ସଞ୍ଚାରେ ପକ୍ଷୀ ଗ୍ରାମ ଭଳି ପରଦେଶ ଦିଆଯାଇଛି । ଏହି ହୀରାକୁଦ ହ୍ରଦରେ ଭାରତର ଉତ୍ତ୍ରେସ, ହେରନ୍ତି, କର୍ମୋମୋରା, ଲାଫଷ୍ଟିଙ୍ଗ ପ୍ରଭୃତି ପ୍ରଜାତିର ପକ୍ଷୀ ଆସନ୍ତି । ଶୀତ ଋତୁରେ ଆସୁଥିବା ପରିତ୍ରାଳକ ପକ୍ଷୀଙ୍କ ମଧ୍ୟରେ ଗଷ, ସାରସବେରିଆ, କେନ୍ଦ୍ରିୟ ଏସିଆର ପିଂଟଲ, ସୋଭଲର, ଟିଲ, ପୋଚାର୍ଡ, ମଙ୍ଗୋଲିଆ, ତିବେତ ଏବଂ କେନ୍ଦ୍ରିୟ ଏସିଆର ବାର ହେଡେଡ ଗୁସ, ୟୁରୋପ ଓ ଉତ୍ତର ଗତ ଓ୍ୱିଥ, ସେଣ୍ଡ ପାଇପର୍ସ ଓ ସ୍ନାଇପ ଏମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରନ୍ତି । ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଏହି ପକ୍ଷୀ ମାନଙ୍କ ପାଇଁ ସୁରକ୍ଷା ପାଇଁ ବନ୍ଦୋବସ୍ତ୍ୱ ସହିତ ସଚେତନତା ସଞ୍ଚାରେ ପକ୍ଷୀ ଗ୍ରାମ ଭଳି ପରଦେଶ ଦିଆଯାଇଛି । ଏହି ହୀରାକୁଦ ହ୍ରଦରେ ଭାରତର ଉତ୍ତ୍ରେସ ଗଲ, ଓ୍ୱିଷ୍ଟର୍ଡ ଟର୍ଣ୍ଣ ପ୍ରଭୃତି ପ୍ରଜାତିର ପକ୍ଷୀ ରହିଛନ୍ତି । ଗତବର୍ଷ ପକ୍ଷୀଗଣନା ସମୟରେ ରେକର୍ଡ ୧୨୨ ପ୍ରଜାତିର ୩ ଲକ୍ଷ ୭୭ହଜାର ୭୩୨ ଦେଶ ବିଦେଶର ପକ୍ଷୀ ହୀରାକୁଦ ଆସିଥିଲେ । ୨୦୨୪ ମସିହାରେ ୧୧୩ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୪୫ ଏବଂ ୨୦୨୩ରେ ୧୦୯ ପ୍ରଜାତିର ୩ ଲକ୍ଷ ୧୬ ହଜାର ୫୭୫ ବିଦେଶୀ ପକ୍ଷୀ ଆସିଥିଲେ ।

ଜମନଜିରା ବ୍ଲକ ମହଦାଠାରେ ରଜାମୁଣ୍ଡାଗୁଡ଼ି ଆନୁକୂଲ୍ୟରେ ଜଂଘା ବଡ଼ ଦେଓଙ୍କ ପୂଜା

କନ୍ଧମାଳରେ ୧୬ ମ୍ୟୁଲ୍ ଆକାଉଟଂ ଠାବ :

କାର୍ପଟଦାର ସାଜିଥିଲେ ବ୍ୟାଙ୍କ ଅଧିକାରୀ, ୬.୨୭ କୋଟି ଟଙ୍କା ଠକେଇ

ଫୁଲବାଣୀ,୧୦/୧(ନି/ପ୍ର): ଜ ଠକେଇ ଅପରାଧରେ ସଂପୃକ୍ତ ସ୍ୱାଙ୍କର ଜିଜ୍ଞାସିତ୍ ସମେତ ୫ ଜଣ ସାଇବର ଅପରାଧୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି କନ୍ଧମାଳ ସାଇବର ପୁଲିସ। ଜିଲ୍ଲାରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଚାଲିଥିବା ନେଇ ଜ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ କନ୍ଧମାଳ ପୁଲିସକୁ ସୂଚନା ମିଳିବା ପରେ ତଦାପରା ହୋଇଥିଲା । ଭୁବନେଶ୍ୱର ଶୈଳଶ୍ରୀବିହାରସ୍ଥିତ ସୂର୍ଯ୍ୟୋଦୟ ବ୍ୟାଙ୍କର ଜଣେ ପଦସ୍ଥ ଅଧିକାରୀ ବୃଷାରଜାନ୍ତି ଦାସଙ୍କ ନେତୃତ୍ୱରେ କନ୍ଧମାଳରେ ଶତାଧିକ ଗ୍ରାହକଙ୍କ ନାମରେ ମ୍ୟୁଲ୍ ଆକାଉଣ୍ଟ ଖୋଲାଯାଇଥିଲା । ଠକେଇର ତଦନ୍ତ କରି କନ୍ଧମାଳ ପୁଲିସ ମୁଖ୍ୟ ଅଭିଯୁକ୍ତ ବୃଷାରଜାନ୍ତିଙ୍କ ସମେତ ମୋଟ ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜଜିଲ୍ଲା ଶୁଭିଆପଡା ଥାନା ଅନ୍ତର୍ଗତ କଲ୍‌ଡିଆ ଗ୍ରାମର ବୃଷାରଜାନ୍ତି ଦାସ (୩୦), ଫୁଲବାଣୀ ସହରର ଅବିନାଶ ମହାପାତ୍ର (୩୦), ଫୁଲବାଣୀ ଟାଉନ୍ ଥାନା ଅନ୍ତର୍ଗତ ଜାଳପାଲା ଗ୍ରାମର ଜିରଣ କୁମାର ବେହେରା (୨୯) ଓ ଗୋପାଳ ସିଂହ (୨୯) ଏବଂ ଫୁଲବାଣୀ ଗଣେଶ ବଜାରନିବାସୀ ବାବଲ କୁମାର ସାହୁଁ (୩୪)। ଆଜି କନ୍ଧମାଳ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ଏକ ସାମ୍ବାଦିକ ସମ୍ମିଳନୀ କରି ସବିଶେଷ ବିବରଣୀ ପ୍ରଦାନ କରିଛନ୍ତି। ମାଷ୍ଟରମାଇଣ୍ଡ ବ୍ୟାଙ୍କ ଅଧିକାରୀ ବୃଷାରଜାନ୍ତି ସହିତ ଅଭିଯୁକ୍ତମାନେ ୬.୨୭ କୋଟି ଟଙ୍କା ଠକେଇରେ ସମ୍ପୃକ୍ତ ଥିଲେ । ଏହି ଠକାମାନେ କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଗ୍ରାହକମାନଙ୍କ ନାମରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଖୋଲି ବେନାମୀ ଆର୍ଥିକ କାରବାର ଚଳାଇଥିଲେ ବୋଲି ପୁଲିସ କହିଛି। ସଂଚୟ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ଠକମାନେ ୫ ହଜାର ଟଙ୍କା ଓ କର୍ପୋରେଟ୍ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ୫୦ ହଜାର ଟଙ୍କା ଦେବାର ଲୋଭ ଦେଖାଇଥିଲେ। ଏହି ଠକମାନେ ସାଧାରଣ ଗ୍ରାହକଙ୍କଠାରୁ ସିମ୍ କାର୍ଡ, ପାସ୍‌ବୁକ୍, ଆଧାର କାର୍ଡ, ପ୍ୟାନ୍ କାର୍ଡ ଆଦି କାଗଜପତ୍ର ନେଇ ମ୍ୟୁଲ୍ ଆକାଉଣ୍ଟ ଖୋଲି ନିଜ ନାମରେ କାରବାର କରୁଥିଲେ। କନ୍ଧମାଳ ପୁଲିସ ମୋଟ ୧୬ଟି ମ୍ୟୁଲ୍ ଆକାଉଣ୍ଟର ସନ୍ଧାନ କରିବା ପରେ ଏହି ଆକାଉଣ୍ଟର ମୂଳ ଗ୍ରାହକମାନଙ୍କୁ ମଧ୍ୟ ପଚରାଉଚରା କାରି ରଖିଛି ବୋଲି ଏଏସ୍‌ପି ରାମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି।

ଝା: ଯୁବୋଦୟ ଲିଡ଼ ସ୍କୁଲର ବାର୍ଷିକ ଉତ୍ସବ

ବଲାଙ୍ଗିର,୧୦/୧(ନି/ପ୍ର): ଗୀତ ଓ ସୁନ୍ଦର ବକ୍ତବ୍ୟ ଜିତରେ ଆୟୋଜିତ ହୋଇଯାଇଛି ଯୁବୋଦୟ ଲିଡ଼ ସ୍କୁଲର ବାର୍ଷିକ ଉତ୍ସବ 'ଝା'। ପ୍ରଭୁ ଜଗନ୍ନାଥଙ୍କୁ ପୂଜା କରି ଯୁବୋଦୟ ଲିଡ଼ ସ୍କୁଲର ବାର୍ଷିକ ଉତ୍ସବ 'ଝା' କୁ ଉଦ୍‌ଘାଟନ କରିଥିଲେ ଭୀମ ଭୋଇମେଡିକାଲ କଲେଜ ଓ ହସ୍ପିଟାଲ, ବଲାଙ୍ଗୀରର ସିନିୟର୍ ରେଡ଼ିଓଲୋଜିଷ୍ଟ ବିଶିଷ୍ଟ ଅତିଥି ଡ଼ ବିନେଶ ଅଗ୍ରୱାଲ, ସମ୍ମାନିତ ଅତିଥି ସହକାରୀ ଜିଲ୍ଲାପାଳ, ସୁବର୍ଣ୍ଣପୁର, ଶ୍ରୀ ଶିବାନନ୍ଦ କର୍ମା, ମୁଖ୍ୟ ବକ୍ତା, ଜିତ କେରିଅର ଅନୁଷ୍ଠାନର ତିନ ପ୍ରଫେସର ଡ଼ ପ୍ରିୟଦର୍ଶୀ ବିଶ୍ୱାଳ, ଅତିଥିମାନଙ୍କୁ ସହଯୋଗ କରିଥିଲେ ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀ ଆନନ୍ଦୀ ଦାଶ ଏବଂ ଶିକ୍ଷାନୁଷ୍ଠାନର ସଚିବ । ପ୍ରଫେସର ପ୍ରିୟଦର୍ଶୀ ବିଶ୍ୱାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଆଗାମୀ ସମୟ, ଏକ ବହୁମୁଖୀ ଜ୍ଞାନର ସମୟ । ବହୁ ପ୍ରତିଯୋଗିତାର ଭିତ ଭିତରେ ନିଜକୁ ପ୍ରସ୍ତୁତ କରିବାକୁ ଛାତ୍ର ଛାତ୍ରୀ ମାନେ ସେଇ ସମୟ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ ଓ ମୋବାଇଲ ସ୍କ୍ରିନ ଠାରୁ ଦୂରେଇବା ପାଇଁ ଚିନ୍ତା କରିବାକୁ, ଚିନ୍ତନରେ ସମୟ ଦେବାକୁ ଅତିଥି ମାନେ କହିଥିଲେ ଓ ନିଜ ଘରକୁ ଏକ ବିଦ୍ୟାଳୟ କରି ନିଜ ସନ୍ତାନମାନଙ୍କୁ ଉପଯୁକ୍ତ ଭାବରେ ଗଢିବାକୁ କହିଥିଲେ।ଯୁବୋଦୟ ର ଅନୁଷ୍ଠାନ ସମୂହ ସମ୍ପାଦିକା ମିନ୍ତୁବିଦା ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ।ପ୍ରାରମ୍ଭରେ ମଂଚାସୀନ ଅତିଥି ମାନଙ୍କୁ ଅନୁଷ୍ଠାନ ତରଫରୁ ଅଙ୍ଗବସ୍ତ୍ର, ଗଛ ଓ ସ୍ମୃତି ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବୋଦୟ ର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ସଭାପତିତ୍ୱ କରି ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କୁ ଯୁବୋଦୟ ଶିକ୍ଷାଦାନ ର ଶୈଳୀ ଓ ସ୍ୱତନ୍ତ୍ରତା ତଥା ଉପଲବ୍ଧି ସମ୍ପର୍କରେ କହିଥିଲେ । ଶିକ୍ଷୟତ୍ରୀ ଦୀପିକା କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । ପରେ ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ଶିକ୍ଷଣୀୟ ତଥା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।ସହ ଅଧ୍ୟକ୍ଷା ବିଶ୍ୱବାରା ପୁରୋହିତ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସନ୍ଧ୍ୟାକାଳୀନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ନୃତ୍ୟ ଓ ନାଟକର ଏକ ବିସ୍ମୟକର ସମାହାର ଦେଖିବାକୁ ମିଳିଥିଲା । ଛାତ୍ରଛାତ୍ରୀମାନଙ୍କ ପ୍ରଦର୍ଶନର ଗୁଣବତ୍ତା ଦୃଷ୍ଟିରୁ ଏହି ବାର୍ଷିକ ଉତ୍ସବକୁ ବିଦ୍ୟାଳୟର ଏପର୍ଯ୍ୟନ୍ତ ଅନୁଷ୍ଠିତ ସର୍ବୋତ୍ତମ କାର୍ଯ୍ୟକ୍ରମ ଭାବେ ବିବେଚନା କରାଯାଉଛି ।ଦର୍ଶକମାନେ ଏହି ଅନୁଷ୍ଠାନକୁ ଅତ୍ୟନ୍ତ ପ୍ରଶଂସା କରିଥିଲେ ଏବଂ ଅଂଶଗ୍ରହଣକାରୀ ସମସ୍ତ ଛୋଟଛୋଟ କଳାକାରଙ୍କୁ ହୃଦୟସର୍ଶୀ ପ୍ରଶଂସା ଜଣାଇଥିଲେ ।ଢେଙ୍କି ଏକ ବିଶେଷ ପ୍ରଦର୍ଶନକୁ ସର୍ବୋତ୍ତମ ବୋଲି ଚିହ୍ନିତ କରିବା ଯେ କେତେ କଷ୍ଟକର, ତାହା ବର୍ଣ୍ଣନା କରିବା ବହୁତ କଠିନ । ତଥାପି ଏହା ନିଃସନ୍ଦେହରେ ବଲାଙ୍ଗୀର ସହରରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି ।

ବିବାହ ପାଇଁ ରାଜି ହେଲେନି ପ୍ରେମିକ

ବିଷ ପିଇ ଫଟେଗଡ଼ ଥାନା ଆଗରେ ଆତ୍ମହତ୍ୟା ଉଦ୍ୟମ କଲେ ପ୍ରେମିକା

ଭାପୁର,୧୦/୧(ନି/ପ୍ର): ନୟାଗଡ଼ଜିଲ୍ଲା ଫଟେଗଡ଼ ଥାନା ଆଗରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ପ୍ରେମିକଦିବାହ କରିବା ପାଇଁ ରାଜି ନ ହେବାରୁ ପ୍ରେମିକା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ଫଟେଗଡ଼ ଥାନା ଆଗରେ ଯୁବତୀ ଜଣକ ପୋକମରା ଔଷଧ ପିଇ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ପ୍ରେମିକର ବାପା ଏବଂ ଫଟେଗଡ଼ ଥାନା ପୁଲିସ ଯୁବତୀଙ୍କୁ ଅଟକାଇ ଥିଲେ । ସୂଚନା ଅନୁସାରେ, ଯୁବତୀଙ୍କ ଘର ଜାଳଟପୁର ଥାନା କେନ୍ଦ୍ରାପଟି ଗ୍ରାମରେ ହୋଇଥିବା ବେଳେ ଯୁବକ ଜଣଙ୍କ ଘର ଫଟେଗଡ଼ ଥାନା ବାରବାଟୀ ଗ୍ରାମରେ । ବୁଝି ଅନୁଯାୟୀ ଦୁହେଁ ପ୍ରେମିକ ଏବଂ ପ୍ରେମିକାଙ୍କର ଆଜି କୋର୍ଟରେ ମ୍ୟାରେଜ୍ କରିବା ପାଇଁ ଆବେଦନ କରିବା ସହ ମନ୍ଦିର ବିବାହ ହୋଇଥାନ୍ତା । ଏଥିପାଇଁ ପ୍ରେମିକା ଶଙ୍ଖା ସିନ୍ଦୁର ଫୁଲ ମାଳା ସହ ନୂଆ ଶାଢ଼ୀ ନୂଆ କିଣିକି ଆଣିଥିବା କହିଛନ୍ତି । କିନ୍ତୁ ବିବାହ କରିବା ପାଇଁ ପ୍ରେମିକ ଶିବ ନାରାୟଣ ପଣ୍ଡା ରାଜି ନହେବାରୁ ପ୍ରେମିକା ବିଷ ପିଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ । ଦୁହିଁଙ୍କ ମଧ

ବିପିୟୁଟିରେ ପିଏମ ଶ୍ରୀ ବିଦ୍ୟାଳୟ ଅଧକ୍ଷ ଓ ଶିକ୍ଷକଙ୍କ ବୁଟ୍‌କ୍ୟାମ୍ପ ତୃତୀୟ ପର୍ଯ୍ୟାୟ ସଫଳତାର ସହ ସମାପ୍ତ

ରାଉରକେଲା,୧୦/୧(ନି/ପ୍ର):ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟରେ ୨୦୨୬ ଜାନୁଆରୀ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ତିନି ଦିନିଆ ଇନୋଭେସନ, ଡିଜାଇନ ଏବଂ ଏଣ୍ଟରପ୍ରିନରସିପ୍ (ଆଇଡ଼ିଇ) ବୁଟ୍‌କ୍ୟାମ୍ପ୍ ତୃତୀୟ ପର୍ଯ୍ୟାୟ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଜାନୁଆରୀ ୯ ତାରିଖ ଅପରାହ୍ନ ୪ଟା ୩୦ ସମୟରେ ବିପିୟୁଟିର କ୍ଷେତ୍ର ଜ୍ୟାମ୍ପସ ସ୍ଥିତ ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଏହି କାର୍ଯ୍ୟକ୍ରମର ଉପଯୋଗୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିପିୟୁଟିର କୁଳପତି ପ୍ରଫେସର ଅମିୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲର ଆଟଳିକ ସଂଯୋଜକ ବିକ୍ରମ ବ୍ୟାସ, ଓ୍ୱାଇଖ୍ରୁନି ଫାଉଣ୍ଡେସନର ବିଶେଷଜ୍ଞ ଶ୍ରୀମତୀ ଗୌରୀ ମଦନ ଏବଂ ବିପିୟୁଟିର କୁଳସଚିବ ଶ୍ରୀମତୀ ନିଶି ପୁନମ ମିଞ୍ଜ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି ବିକ୍ରମ ବ୍ୟାସ ପ୍ରକାଶ କରିଥିଲେ ଯେ, ଶିକ୍ଷକମାନେ ଏହି ବୁଟ୍‌କ୍ୟାମ୍ପରୁ ଶିଖିଥିବା ଜ୍ଞାନ ଓ କୌଶଳକୁ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଅନୁଯାୟୀ ଶ୍ରେଣୀଗୃହର ଶିକ୍ଷାଦାନରେ ପ୍ରୟୋଗ କରିବେ। ପ୍ରଫେସର ଅମିୟ କୁମାର ରଥ ସଫଳତାର ସହ ବୁଟ୍ ?କ୍ୟାମ୍ପ୍ ସମାପ୍ତ କରିଥିବା ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହା ଏକ ଅର୍ଥପୂର୍ଣ୍ଣ ବୃତ୍ତିଗତ ଶିକ୍ଷଣ ଅନୁଭୂତି ଯାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ। ବିଦ୍ୟାଳୟଗୁଡ଼ିକ ହିଁ ଶିକ୍ଷାର୍ଥୀଙ୍କ ପାଇଁ ଏକ ବୃହତ୍ ମୁକ୍ତଭୂଆ ପଚାଇବାର ପ୍ରଥମ ସୋପାନ। ଶ୍ରୀମତୀ ଗୌରୀ ମଦନ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପିଏମ ଶ୍ରୀ ସ୍କୁଲର ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟରେ ନବସୃଜନ ଏବଂ ଉଦ୍ୟୋଗ ପରିବେଶ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଶ୍ରୀମତୀ ନିଶି ପୁନମ ମିଞ୍ଜ ଶିକ୍ଷକମାନଙ୍କୁ ସକ୍ରିୟ ଭାବେ ନିଜର ଶିକ୍ଷଣକୁ ଅଭିନବ ଶିକ୍ଷାଦାନ ପଦ୍ଧତିରେ ପରିଣତ କରିବାକୁ ଉତ୍ସାହିତ କରିଥିଲେ। ବୁଟ୍‌କ୍ୟାମ୍ପର ସମନ୍ୱୟକାରୀ ଡକ୍ଟର ମନୋଜ କୁମାର ସାହୁ ଆନୁଷାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପର୍ଯ୍ୟାୟରେ ଓଡ଼ିଶା ସ୍କୁଲ୍ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ମନୋନୀତ ରାଜ୍ୟର ୧୬ଟି ଜିଲ୍ଲାରୁ ମୋଟ ୧୮୮ ଜଣ ଅଧକ୍ଷ, ପ୍ରଧାନଶିକ୍ଷକ ଏବଂ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଭାରତୀୟ ଷ୍ଟାର୍ଟଅପ୍ ବ୍ୟବସ୍ଥା ଏବଂ ବିଶେଷ କରି ସ୍କୁଲ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଅବଗତ କରାଯାଇଥିଲା। ପିଏମ ଶ୍ରୀ ସ୍କୁଲ ଶିକ୍ଷକମାନଙ୍କ ମଧ୍ୟରେ ନବସୃଜନ ଏବଂ ଉଦ୍ୟୋଗୀ ମନୋଭାବ ବୃଦ୍ଧି କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମ ବିପିୟୁଟିର ଶିକ୍ଷା, ନବସୃଜନ ଏବଂ ଗବେଷଣା କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବାର ଲକ୍ଷ୍ୟ ସହିତ ସମାନ। ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ନିର୍ଦ୍ଦେଶକ ଏବଂ କର୍ମଚାରୀମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି।

ରାଉରକେଲାରେ ବିମାନ ଦୁର୍ଘଟଣା, ୮ ଆହତ

ରାଉରକେଲା, ୧୦/୧(ନି/ପ୍ର): ରାଉରକେଲା ରଘୁନାଥପାଲିରେ ବିମାନ ଦୁର୍ଘଟଣା। ଜରୁରୀ ଅବତରଣ ବେଳେ ଜଂସର ଅବଂକରେ ବିମାନ ଚ୍ରାସ୍ ପାଇଲଟଙ୍କ ସହ ୬ ଗୁରୁତର। ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଭାଭରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାସ୍ଥଳରେ ରଘୁନାଥପାଲି ଥାନା ପୁଲିସ ପହଞ୍ଚିଗସିଛି। ସୂତ୍ରନୁଯାୟୀ, ଦକ୍ଷିଣ ରାଉରକେଲାର ଜଂସର ଅଂଚଳରେ ଶନିବାର ଏକ ଛୋଟ ବିମାନ ଦୁର୍ଘଟଣା ଘଟିଛି। ଜରୁରୀ ଅବତରଣ ବେଳେ ଫ୍ଲେନ୍ ଟି ଚ୍ରାସ୍ ହୋଇଯାଇଛି। ଫଳରେ ବିମାନଟି ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇଛି। ଏହି ଦୁର୍ଘଟଣାରେ ପାଇଲଟଙ୍କ ସମେତ ୬ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଛି। ଏନେଇ ପରିବହନ ମନ୍ତ୍ରୀ ବିଭୂତି ଭେନା କହିଛନ୍ତି, ବିମାନରେ ଯାତ୍ରିକେ ଛୁଟିଥିବା ଜେଡୁଏଲି ଅପଘଟଣ ଘଟିଥିବା ଜଣାଯାଇଛି। ଭଗବାନଙ୍କ ଆଶୀର୍ବାଦରୁ ଜାହାରି କିଛି କ୍ଷତି ହୋଇନାହିଁ। ଯାତ୍ରୀମାନଙ୍କ ଅବସ୍ଥା ଭଲ ଅଛି। ମୁଁ ଦବଡ ଜାରି ନିର୍ଦ୍ଦେଶ ଦେଇଛି। ଘଟଣାସ୍ଥଳରେ ରାଉରକେଲା ଏସପି ପହଞ୍ଚିଛନ୍ତି।

ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ

ମାଲଜାନଗିରି,୧୦/୧(ନି/ପ୍ର): ମାଲଜାନଗିରି ଜିଲ୍ଲା ମାଥୁଲି ବ୍ଲକ ଅନ୍ତର୍ଗତ ସବର ମହକୁମାରେ ଥିବା ନୂଆଗୁଡ଼ ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଡିନିଦିନିଆ ଶିକ୍ଷଣ ସହାୟକ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଆଜି ଉଦଘାଟିତ ହୋଇଛି। ସବର ଫଂଚାଥର ର ଆଂଚଳିକ ସାଧନ କେନ୍ଦ୍ରର ସଂଜୋଳ ନିହାର ରଞ୍ଜନ ବିଶ୍ୱାସ ଙ୍କ ତତ୍ୱାବଧାନରେ ମାଥୁଲି ଫଂଚାୟରର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଏସ୍ ଏଲ୍ ଏନର କାର୍ଯ୍ୟକ୍ରମର ୧୦ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କର୍ମଶାଳାରେ ଯୋଗ ଦେଇଛନ୍ତି। ଶ୍ରେଣୀ ଗୃହରେ ଶିକ୍ଷା ଦାନ ସମୟରେ କିପରି ବିନା ଖର୍ଚ୍ଚ ବିନା୍ୟ ସ୍ୱଳ୍ପ ମୂଲ୍ୟରେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସହ ଶ୍ରେଣୀ ପରିଚାଳନା କରିହେବ ସେହି ପରି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରାଯାଇଅଛି।

ସାମଗ୍ରୀ ପରିଚାଳନା ବିଭାଗରେ ସେଲ ଶାବାସ ପୁରସ୍କାର ପ୍ରଦାନ

ରାଉରକେଲା,୧୦/୧(ନି/ପ୍ର):ସେଲ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ସମ୍ମିଳନୀ କକ୍ଷଠାରେ ଜାନୁଆରୀ ୮ ତାରିଖରେ ସାମଗ୍ରୀ ପରିଚାଳନା ବିଭାଗର କର୍ମଚାରୀଙ୍କୁ ଶାବାସ ପୁରସ୍କାର ପ୍ରଦାନ କରିବା ପାଇଁ ଏକ ସମାରୋହ ଆୟୋଜନ କରାଯାଇଥିଲା। ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଏବଂ ଏମଏମ ବିଭାଗର ସିନିୟର ଶ୍ରୀ ଟି ବିନୋଦ ଏବଂ ମାର୍କେଟିଂଗ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଅଜୟ ଶୁକ୍ଳାଙ୍କ ସହିତ ସାମଗ୍ରୀ ପରିଚାଳନା ବିଭାଗର ୧୫ ଜଣ କର୍ମଚାରୀଙ୍କୁ ସେମାନଙ୍କ କ୍ଷେତ୍ରରେ ଅନୁକରଣୀୟ ପ୍ରଦର୍ଶନ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ଅନିଲ କୁମାର ବିଭାଗୀୟ ଏବଂ ସାଂଗଠନିକ ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କର ଉତ୍ସର୍ଗ, ଦୃଢ଼ିଗତତା ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ସେ ସାମଗ୍ରୀ ପରିଚାଳନା କାର୍ଯ୍ୟକୁ ସୁଦୃଢ଼ ? ?କରିବା ଏବଂ ସଂଗଠନର ସାମଗ୍ରିକ ଅଭିବୃଦ୍ଧିରେ ଯୋଗଦାନ ଦେବା ପାଇଁ ବକ୍ତଗତ କାର୍ଯ୍ୟ, ନବସୃଜନ ଏବଂ ଉତ୍ତରଦାୟିତ୍ୱର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖନୀୟ ଯେ, ବର୍ଗ-୧ ଅନ୍ତର୍ଗତ ମୋଟ ୧୧ ଜଣ କର୍ମଚାରୀ ପୁରସ୍କାର ଲାଭ କରିଥିଲେ। ବର୍ଗ-୨ ଅନ୍ତର୍ଗତ ପୁରସ୍କାର ବିଜେତାମାନେ ହେଉଛନ୍ତି କିଏମ (ଏମଏମ) ଶ୍ରୀ ଆନସେଲମ ଓମଡେନ ମାମଟୁ, ଏମଏମ ଷ୍ଟୋର ବିଭାଗର ସିନିୟର ମ୍ୟାନେଜର ଶ୍ରୀ ମନୀଷ କୁମାର ଧାଳଦ, ମାର୍କେଟିଂ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ଅକ୍ଷୟ କୁମାର ସେଠି ଏବଂ ପର୍ଚେଜ ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ତପନ କୁମାର ନାୟକ।

ରାଉରକେଲାର ଚିତ୍ର ଶିଳ୍ପୀ ସୁନ୍ଦର ବନରେ ସମ୍ମାନିତ

ରାଉରକେଲା,୧୦/୧(ନି/ପ୍ର): ପଶ୍ଚିମ ବଙ୍ଗର କାକଦ୍ୱୀପ ଠାରେ ଅବସ୍ଥିତ ସୁନ୍ଦରବନ ଆର୍ଟ ଏକାଡେମୀ ର ବାର୍ଷିକ ଉତ୍ସବ ଗତମାସ ୨୭ ତାରିଖ ଦିନ ଚିତ୍ରକଳା ପ୍ରଦର୍ଶନୀ ଓ ଚିତ୍ର ଶିଳ୍ପୀ ସମ୍ମାନ ପ୍ରଦାନ ମହା ଆଡ଼ମ୍ବର ରେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ଉତ୍ସବ ରେ ରାଉରକେଲା ସାତ ନମ୍ବର ସେକ୍ଟରର କମ୍ୟୁନିଟି ସେଣ୍ଟର ଠାରେ ପରିଚାଳିତ ଜସପାଲ ସ୍ମୃତି ଚିତ୍ରାଳୟର ଚିତ୍ରଶିଳ୍ପୀ ରମେଶ ଚନ୍ଦ୍ର ପାତ୍ର ଓ ପ୍ରତାପ କୁମାର କୁମାର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି । ଉଭୟ ଶିଳ୍ପୀ ଓଡିଶା ବ୍ୟତୀତ ଝାରଖଣ୍ଡ, ବିହାର, ପଶ୍ଚିମ ବଙ୍ଗର ବିଭିନ୍ନ ଚିତ୍ରକଳା ଶିବିର ଓ ପ୍ରଦର୍ଶନୀ ରେ ନିୟମିତ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇଛନ୍ତି । ପ୍ରତାପ କୁମାର ପଟ୍ଟନାୟକ ଓଡିଶା ଲଳିତକଳା ଏକାଡେମୀ ଓ କେନ୍ଦ୍ର ଲଳିତ କଳା ଏକାଡେମୀରେ ଅଂଶ ଗ୍ରହଣ କରି ମଧ୍ୟ ସମ୍ମାନିତ ହୋଇଛନ୍ତି । ଶ୍ରୀ ପାତ୍ର ଏକାଧାରାରେ ଚିତ୍ରଶିଳ୍ପୀ, କବି, ଲେଖକ, ଅନୁବାଦକ, ସାନ୍ତାଳୀ ଲେଖକ ଓ ସାନ୍ତାଳୀ ଭାଷା ସାହିତ୍ୟ ଗବେଷକ କ୍ଷ ଶ୍ରୀ ପାତ୍ର ମଧ୍ୟ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ସୁନ୍ଦରବନ ଆର୍ଟ ଏକାଡେମୀ ଦ୍ୱାରା ପରେଶ୍ୱରାନନ୍ଦ ମହାରାଜଙ୍କୁ ତନୁଶ୍ରୀ ଦେବୀ, ଜୟଦେବ ଦାସଙ୍କୁ ମୌମିତା ଜାନା, ବିମାନ ନାଗଙ୍କୁ ସୋହନି ମଣ୍ଡଳ, ରମେଶ ଚନ୍ଦ୍ର ପାତ୍ରଙ୍କୁ ପଲୁବୀ ମଣ୍ଡଳ, ପ୍ରତାପ କୁମାର ପଟ୍ଟନାୟକଙ୍କୁ ପ୍ରଣତି ଦାସ, ପମ୍ପା ନାଗଙ୍କୁ, ସୁନନ୍ଦା ଖଟୁୟା, ବିଜୟ ରାଖାତଙ୍କୁ କବ୍ରୀ ଜାନା, ବିବେକାନନ୍ଦ ପଣ୍ଡାଙ୍କୁ ଗାୟତ୍ରୀ ଗାୟନ, ପୁସ୍ପନ ମାଇତିଙ୍କୁ ଅହନା ପଟୁୟା ଓ ବିକାଶ ଗିରିଙ୍କୁ ପ୍ରୀତି ଦେବନାଥ ସମ୍ବର୍ଦ୍ଧନା ଦେଇଥିଲେ । ବିଭିନ୍ନ ମାନ୍ୟ ଗଣ୍ୟ ବ୍ୟକ୍ତି ସହ ଅନେକ ଜଣା ପ୍ରେମୀ ଉପସ୍ଥିତ ଥିଲେ । ଅନୁଷ୍ଠାନ ର ଅଧକ୍ଷ ଦେବରାଜ ବେରା ଓ ପଲୁବୀ ମଣ୍ଡଳ ପରିଚାଳନା କରିଥିଲେ ଓ ତନୁଶ୍ରୀ ବେରା ଧନ୍ୟବାଦ ଅର୍ପଣ କରିଥିଲେ ।

ରାଉରକେଲା ପୋଲିସ୍ ଦ୍ୱାରା ହତ୍ୟା ଘଟଣାରେ ସମ୍ପୃକ୍ତ ୩ ଅପରାଧି ଗିରଫ

ରାଉରକେଲା,୧୦/୧(ନି/ପ୍ର): ଗତ ୨୦୨୬ ଜାନୁଆରୀ ୨ ତାରିଖ ସକାଳେ ବନ୍ଧମୁଣ୍ଡା ଥାନା ଅଧିନସ୍ଥ କଦାଘାଟ ଗ୍ରାମ ଅନ୍ତର୍ଗତ କୋଏଲ ନଦୀର ବାଲି ଶଯ୍ୟାରେ ଏକ ଅଜଣା ବ୍ୟକ୍ତିର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ, ବନ୍ଧମୁଣ୍ଡା ଥାନାରେ ଏକ ଅପମୃତ୍ୟୁ (ୟୁ.ଡି. କେସ୍ ନଂ.୦୧/୨୬) ମାମଲା ରୁଜୁ ଘଟଣାର ତଦନ୍ତ କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟଆସିବା ପରେ ଜଣାପଡିଥିଲା ଯେ, ମୃତକଙ୍କ ଉପରେ ଆକ୍ରମଣ ଯୋଗୁଁ ଅନେକ ସ୍ଥାନରେ କ୍ଷତ ହୋଇଥିଲା ଏବଂ ଏହା ଏକ ହତ୍ୟାକାଣ୍ଡ ଥିଲା। ତେଣୁ ଅତ୍ୟନ୍ତଗୁରୁ ମାମଲା ପରିବର୍ତ୍ତେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ସମୟରେ ଜଣାପଡିଲା ଯେ ଅଭିଯୁକ୍ତ ମହେଶ ମୁଣ୍ଡାରୀ, ଲକ୍ଷ୍ମଣ ମୁଣ୍ଡାରୀ ଏବଂ ସହଦେବ ସମାରୀ ୨୦୨୬ ଜାନୁଆରୀ ୧ ତାରିଖ ରାତିରେ ମଦ୍ୟପାନ କରି ଅଭିଯୁକ୍ତ ମହେଶ ମୁଣ୍ଡାରୀଙ୍କ ଘର ପାଖରେ ବସିଥିଲେ। ସେହି ସମୟରେ ସେମାନେ ମୃତକଙ୍କୁ ସେମାନଙ୍କ ଆଡ଼କୁ ଆସୁଥିବାର ଦେଖିଥିଲେ। ତାଙ୍କୁ ଚୋର ଏବଂ ମଦ୍ୟପାନ କରିଥିବା ସନ୍ଦେହ କରି ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଏହା ଶୁଣିବା ପରେ ମୃତକ ନଦୀ ଆଡକୁ ଦୌଡ଼ିଥିଲେ। ୩ ଅଭିଯୁକ୍ତ ତାଙ୍କୁ ପିଛା କରିବା ପରେ ନଦୀ ବାଲିରେ ଲାତ, ମୁଠା ଏବଂ ଲାଠି ବାଡ଼ି ସାହାଯ୍ୟରେ ଆକ୍ରମଣ କରିଥିଲେ। ଯାହା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହି ହତ୍ୟା ଘଟଣାରେ ଗିରଫ ତିନି ଅଭିଯୁକ୍ତ ହେଲେ, ବନ୍ଧମୁଣ୍ଡା ଥାନା ଅଧିନସ୍ଥ କଦାଘାଟର ମହେଶ ମୁଣ୍ଡାରୀ ଓରଫ୍ ମହେଶ (୨୬), ଲକ୍ଷ୍ମଣ ମୁଣ୍ଡାରୀ ଓରଫ୍ ଜାନି (୨୩) ଏବଂ ସହଦେବ ସମାରୀ ଓରଫ୍ ଟିକୁ (୩୦)। ଅଭିଯୁକ୍ତଙ୍କ ବିରୋଧରେ ବିଏନ୍‌ଏସର ଧାରା ୧୦୩(୨) ବିଏନ୍‌ଏସ୍ଏସ୍/ଏସ୍-୧୦୩(୧)/୩(୫)ରେ ମାମଲା ପରିବର୍ତ୍ତିତ କରାଯାଇଛି। ଅଭିଯୁକ୍ତଙ୍କ ନିକଟରୁ ଜବତ ହୋଇଥିବା ଅପରାଧରେ ବ୍ୟବହୃତ ହେଉଥିବା ୭୯ ସେମି ଲମ୍ବ ଗୋଟିଏ ଲାଠ ବାଡ଼ି, ଗୋଟିଏ ଜିଆଲମି ମୋବାଇଲ୍ ଫୋନ୍। ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ନେଇ ଏପର୍ଯ୍ୟନ୍ତ ଯାଚଁ ହୋଇନାହିଁ । ତଦନ୍ତକାରୀ ଅଧିକାରୀଙ୍କ ମଧ୍ୟରେ ଆଇଆଇସି ରଞ୍ଜନ କୁମାର ନାୟକ, ଏସ୍‌ଆଇ ମନୋଜ ବାରା, ଏସ୍‌ଆଇ ଅର୍ଜୁନ ସେଠୀ, ଏସ୍‌ଆଇ ବୈକୁଣ୍ଠ ପରିଡା, ଏଏସଆଇ ରତ୍ନାକର ମୁଣ୍ଡା, ଏଏସଆଇ ସଚ୍ଚିତା ସାମଲ, ଏଏସଆଇ ସରୋଜ ପୁହାନ୍ ଏବଂ ବନ୍ଧମୁଣ୍ଡା ଥାନାର ଅନ୍ୟାନ୍ୟ କର୍ମଚାରୀ ।

ବିଶ୍ୱବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ

ଜୟପୁର,୧୦/୧: ବିଜ୍ରମଦେବ ବିଶ୍ୱବିଦ୍ୟାଳୟ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଉଦଘାଟିତ ହୋଇଯାଇଛି। ଦୌଡ ସହ ସଂଗୁଣ୍ଟ, ଜାଭଲିନ, ଲମ୍ବଡିଆଁ, ଏବଂ ବିକଳ୍ପ ଥ୍ରୋ ପ୍ରତିଯୋଗିତା ହୋଇଛି। ୧୦ ତାରିଖ ଉଦଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଜୁଣାଯାଇଛି। ଆଜି ସକାଳେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ। ଛାତ୍ର ଛାତ୍ରୀଙ୍କ ସହ ଦ୍ୟାଚେତ ମାନେ ବିଶ୍ୱବିଦ୍ୟାଳୟ ପରିସରରୁ ବାହାରି ସ୍ଥାନୀୟ ଭଗବତୀ ମନ୍ଦିରକୁ ଯାଇଥିଲେ। ପୂଜାର୍ଚ୍ଚନା ପରେ ବାହାରିଥିବା ମଶାଲ ଶୋଭାଯାତ୍ରା। ରାଜି ମୁଖ୍ୟ ରାସ୍ତା ଦେଇ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ପହଁଚିଥିଲା।

ମାହେଶ୍ୱରୀର ସେବାରେ ନୂଆ ଜୀବନ ପାଇଲେ ବୃଦ୍ଧା

ବଲାଙ୍ଗିର,୧୦/୧(ନି/ପ୍ର):ବଲାଙ୍ଗିର ଜିଲ୍ଲା ବୁଢସୀନଗର ଅଂଚଳରୁ ଉଦ୍ଧାର ହୋଇଥିବା ଅସହାୟ ବୃଦ୍ଧା ମହିଳା ସୁମତି ବିଶି ଙ୍କୁ ସଫଳ ଭାବେ ବୟୋଜେଷ୍ଠ ନାଗରିକ ଆବାସ ରେ ସ୍ଥାନାନ୍ତର କରାଯାଇଛି । ବୃଦ୍ଧା ମହିଳାଙ୍କୁ ପୂର୍ବରୁ ମାହେଶ୍ୱରୀ ସଂଗଠନର ଦ୍ୱାରା ଉଦ୍ଧାର କରାଯାଇ ଭୀମ ଭୋଇ ମେଡିକାଲ ଏବଂ ହଣ୍ଡିଚାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଥିଲା । ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବାରୁ ହଣ୍ଡିଚାଲରୁ ଛଡା ଦିଆଯାଇଛି । ତାଙ୍କର ପୁଅର ଦେହାନ୍ତ ହୋଇଥିବାରୁ ବୃଦ୍ଧା ମହିଳାଙ୍କ ପାଖରେ କୌଣସି ପାରିବାରିକ ସହାୟତା ନ ଥିଲା । ଏହି ମାନବିକ ପରିସ୍ଥିତି କୁ ଦୃଷ୍ଟିରେ ରଖି ବଲାଙ୍ଗିର ଜିଲ୍ଲା ସାମାଜି ସୁରକ୍ଷା ଅଧିକାରୀ ମଦନ ହୋତାଙ୍କ ସହଯୋଗରେ ବୃଦ୍ଧା ମହିଳାଙ୍କୁ ସାରେପାଲି ସ୍ଥିତ ଗ୍ରାମ ମଙ୍ଗଳ ପାଠାଗାର ବୟୋଜେଷ୍ଠ ନାଗରିକ ଆବାସ ରେ ସ୍ଥାନାନ୍ତର କରାଯାଇଛି । ବର୍ତମାନ ସେଠାରେ ବୃଦ୍ଧା ମହିଳାଙ୍କୁ ସୁରକ୍ଷିତ ଆଶ୍ରୟ ଦେଖାଶୁଣା ଓ ଆବଶ୍ୟକ ସେବା ମିଳୁଛି । ଆଗାମୀ ଦିନରେ ମଧ୍ୟ ମାହେଶ୍ୱରୀ ସଂଗଠନ ସବୁ ବେଳେ ଏବଂ ସବୁ ସମୟରେ ବରିଷ୍ଠ ନାଗରିକ ଙ୍କ ସହିତ ରହିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ମାହେଶ୍ୱରୀ ସଂଗଠନର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ କୁମାର ପାଣ୍ଡା ।

ଆରଏସ୍‌ପି ଆନୁକୂଲ୍ୟରେ ବିଶାଳ ପଥ ଉତ୍ସବ ସାଂସ୍କୃତିକ ପର୍ବ 'ଏକତା ମହୋତ୍ସବ' ଆଜି

Steel Authority of India Limited
Rourkela Steel Plant
EKTA MAHOTSAV
WHERE THE STREETS COME ALIVE
Date: 11th January 2026
Time: 7:00